# ପୋଖରୀରେ ବୁଡ଼ି ନାବାଳିକା ମୃତ

**ଅନୁଗୋଳ, ୧୯ ।୫(ସମିସ):** ସ୍ଥାନୀୟ ବନ୍ତଲା ଥାନା ଅନ୍ତର୍ଗତ ବଡ଼କେରା ପଞ୍ଚାୟତର ଚମ୍ପତିମୁଣ୍ଡା ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ନାବାଳିକାର ମୃତ୍ୟୁ ଘଟିଛି। ମୃତ ନାବାଳିକା ହେଲେ ଶ୍ରୀକାନ୍ତ ବିଶ୍ୱାଳଙ୍କ ଝିଅ ଶ୍ରୀୟା ବିଶ୍ୱାଳ (୧୪)। ସୂଚନା ମୁତାବକ, ଶ୍ରୀୟା ଗାଁ ଠାରୁ ଦୁଇଶହ ମିଟର ଦୂରରେ ଥିବା ଗାଁ ପୋଖରୀକୁ ଚାରି ପାଞ୍ଚଜଣ ସାଙ୍ଗଙ୍କ ସହ ଦିନ ୧୧ଟା ସମୟରେ ଗାଧୋଇବାକୁ ଯାଇଥିଲେ। ସେଠାରେ ଗୋଡ଼ ଖସି ଯିବାରୁ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ପୋଖରୀର ଆରପଟେ ଜଣେ ବୃଦ୍ଧ ଶ୍ରୀୟା ବୁଡୁଥିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଶ୍ରୀୟାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା କରି କଟକ ସ୍ଥାନାନ୍ତରିତ କରାଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟପଟେ ଚିକିତ୍ସା ଅବହେଳାରୁ ଶ୍ରୀୟାଙ୍କ ମୃତ୍ୟୁ ଘଟିଥିବା ଗାଁ ଲୋକେ କହିଛନ୍ତି। ପୁଲିସରେ ଏ ନେଇ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

# ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କ ନିର୍ବାଚନ ସମୀକ୍ଷା



**ଅନୁଗୋଳ, ୧୯ ।୫(ସମିସ):** ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ଆରକ୍ଷୀ ପର୍ଯ୍ୟବେକ୍ଷକ ରଜନୀକାନ୍ତ ମିଶ୍ର ଓ ସ୍ୱତନ୍ତ୍ର ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳନି କଶ୍ୟପ ଆଜି ଅନୁଗୋଳ ସର୍କିଟ ହାଉସ ସମ୍ମିଳନୀ କକ୍ଷଠାରେ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ସମ୍ପର୍କିତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପ୍ରଥମେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତାର ଓ ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ଦାଶ ଜିଲ୍ଲାର ନିର୍ବାଚନୀ ପ୍ରସ୍ତୁତି ତଥ୍ୟ ଯଥା ନିର୍ବାଚନ ପ୍ରଶିକ୍ଷଣ, ମତଦାନ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା, ନିର୍ବାଚନ ଖର୍ଚ୍ଚର ଆକଳନ, ଶାନ୍ତିଶୃଙ୍ଖଳା ବ୍ୟବସ୍ଥା, ଭୋଟର ସଚେତନ କାର୍ଯ୍ୟକ୍ରମ, ଭୋଟ ଗଣତି ଇତ୍ୟାଦି ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସେହିପରି, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ନିର୍ବାଚନ ପରିଚାଳନା କରିବା ନିମନ୍ତେ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପର୍ଯ୍ୟବେକ୍ଷକ ପଦୁମ ସିଂ ଆଲ୍ମା, ସୁରେଶ କୁମାର ଓଲା, ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ କେଶବ କାପଲୁଶ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ସମସ୍ତ ନିର୍ବାଚନମଣ୍ଡଳୀର ନିର୍ବାଚନ ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭଗାମୁଣ୍ଡା ଗ୍ରାମରେ ବିଶ୍ୱଶାନ୍ତି ନାମଯଜ୍ଞ



**ଆଠମଲ୍ଲିକ, ୧୯ ।୫(ସମିସ):** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଦଗାଁ ପଞ୍ଚାୟତ ଭଗାମୁଣ୍ଡା ଗ୍ରାମରେ ବିଶ୍ୱଶାନ୍ତି ନାମଯଜ୍ଞ ଉଦଯାପିତ ହୋଇଯାଇଛି। ୧୮ ତାରିଖ ପ୍ରାତଃ ସମୟରେ କଳସ ଯାତ୍ରା ସହିତ ମହାମନ୍ତ୍ର ଉଚ୍ଚାରଣ ଆରମ୍ଭ ହୋଇଥିଲା। ଏହି ଯଜ୍ଞରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ ପୁରୋହିତ ଶ୍ରୀ ଦେବେନ୍ଦ୍ର କୁମାର ପଣ୍ଡା, କର୍ତ୍ତା କାର୍ଯ୍ୟରେ ଉପସ୍ଥିତ ଥିଲେ ଗ୍ରାମ ସଭାପତି ଅଞ୍ଜନ କୁମାର ପ୍ରଧାନ ଏବଂ ତାଙ୍କ ଧର୍ମପତ୍ନୀ ମନ୍ଦାକିନୀ ପ୍ରଧାନ। ୧୯ ତାରିଖ ସକାଳେ ପୂର୍ଣ୍ଣାହୁତି ହୋଇଥିଲା। ଏହି ଯଜ୍ଞରେ ସଂଖାମାଲ୍, ନୂଆ ମାନତ୍ରୀ, କୁଦଗାଁ, କିଆକଟା, ହଟୁଆପଡା, ଗଦାଧରପୁର ଗ୍ରାମବାସୀ ଯୋଗ ଦେଇଥିଲେ। ଭାଗବତପ୍ରେମୀ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମ ସମ୍ପାଦକ ପ୍ରଦୀପ କୁମାର ପ୍ରଧାନ, ମଦନ ପ୍ରଧାନ, ଲୋଚନ ପ୍ରଧାନ, ରମାକାନ୍ତ ପ୍ରଧାନ, ସନ୍ତୋଷ ସାହୁ, ସୌମ୍ୟରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ତାଳଚେର ନିର୍ବାଚନ ମଣ୍ଡଳୀରେ ବିଜେଡିର ଜୋରଦାର ପ୍ରଚାର

# ମାଗଣା ବିଜୁଳି ଓ ବିଜୁ ସ୍ୱାସ୍ଥ୍ୟକାର୍ଡକୁ ନେଇ ଭୋଟର ଉତ୍ସାହିତ

**ତାଳଚେର ସଦର ୧୯ ।୫(ସମିସ)**

ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ଆଜି ତାଳଚେର ବ୍ଲକ ଅନ୍ତର୍ଗତ ଗୋବରା, କର୍ଣ୍ଣପୁର, ବଡ଼ଯରଡ଼ା, ତଟେନ୍ତୁଲେଇ ଜଗନ୍ନାଥ ପଞ୍ଚାୟତରେ ବିରାଟ ରୋଡ୍ ସୋ ଆରମ୍ଭ କରିଛନ୍ତି। ପଞ୍ଚାୟତ ଗୁଡିକର ଗାଁ ଗାଁରେ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନ ସମର୍ଥକଙ୍କୁ ସାଥିରେ ଧରି ବୁଲିବା ସହ ମୁଖ୍ୟମନ୍ତ୍ରୀଙ୍କ ଇସ୍ତାହାରକୁ ନେଇ ପ୍ରଚାର କରିଥିଲେ। ତେବେ ଭୋଟର ଏଥିନେଇ ବେଶ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଥିଲା। ମାଗଣା ବିଜୁଳି, ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ, ୫ ବର୍ଷରେ ୨ ଲକ୍ଷ ସରକାରୀ ନିଯୁକ୍ତି ଏବଂ ନବୀନ ଗ୍ୟାରେଣ୍ଟିକୁ ନେଇ ବିଜେଡି ସପକ୍ଷରେ ପଞ୍ଚାୟତ ସ୍ତରରେ ବେଶ ଜନମତ ବୃଦ୍ଧିପାଇବାରେ ଲାଗିଛି। ବିଜେଡି ନିଜର ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନ ନିର୍ବାଚନମଣ୍ଡଳୀର ଘର ଘର ବୁଲି ପଞ୍ଚାୟତବାସୀଙ୍କୁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଏହା ସହ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ନେଇ ତାଙ୍କ ବକ୍ତବ୍ୟରେ ଏହା ପ୍ରକାଶ କରିଥିଲେ। ଚଳିତ ନିର୍ବାଚନରେ ବିଜେଡି ଇସ୍ତାହାର ପ୍ରକାଶ ପାଇବା ପରେ ବିଜେଡି କର୍ମୀ ଏବଂ ସାଧାରଣ ଭୋଟରଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ଷଷ୍ଠ ଥର ଶାସନକୁ ଆସିବା ମାତ୍ରେ ପ୍ରଥମେ ଗରୀବ ଲୋକଙ୍କୁ ମାଗଣାରେ ୧୦୦ ୟୁନିଟ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବା ସହିତ ମିଶନ ଶକ୍ତି ଯୋଜନାରେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳାମାନଙ୍କୁ ଋଣ, ୫ବର୍ଷରେ ୨ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ, ଯୁବକ ମାନଙ୍କ ପାଇଁ ଏକଲକ୍ଷ କୋଟିର ବଜେଟ କରିବାକୁ ଇସ୍ତାହାରରେ ପ୍ରକାଶ କରିଛନ୍ତି। ସେହିପରି କଚ୍ଚା ଘରକୁ ପକ୍କା ଘର କରିବା, ଝିଅ ବିଭାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ, ଲେବର କାର୍ଡରେ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ପ୍ରଧାନ ପଞ୍ଚାୟତବାସୀଙ୍କୁ ଜଣାଇଥିଲେ। ବିଜେଡିର ଏହି ବିଶାଳ ରାଲିରେ ବ୍ଲକର ନିର୍ବାଚିତ ପ୍ରତିନିଧି ଜିଲ୍ଲା ପରିଷଦ ସଦସ୍ୟା ରିତା ସାହୁ, ସତ୍ୟଭାମା ସାହୁ ଏବଂ ସରପଞ୍ଚ ଓ ସମିତି ସଭ୍ୟ, ବିଜେଡିର ଶତାଧିକ କର୍ମୀ ଏହି ରୋଡ ସୋରେ ସାମିଲ ହୋଇଥିଲେ।



# କ୍ୟାଟ୍ ତରଫରୁ ମତଦାତା ସଚେତନତା କାର୍ଯ୍ୟକ୍ରମ



**ଅନୁଗୋଳ, ୧୯ ।୫(ସମିସ):** ରବିବାର କ୍ୟାଟ୍ ତରଫରୁ ଜିଲ୍ଲାର ସମସ୍ତ ସାଂସ୍କୃତିକ, ସାମାଜିକ, ଧାର୍ମିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହଯୋଗରେ ଏକ ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ଭାରତର ସଚେତନ ନାଗରିକମାନେ ଗଣତନ୍ତ୍ରର ସୁରକ୍ଷା ପାଇଁ-ଦେଶର ହିତ ପାଇଁ ଶତ ପ୍ରତିଶତ ମତଦାନ କଲେ ଦେଶ ପ୍ରଗତି ପଥରେ ଅଗ୍ରଗତି କରିବ ଓ ଆମଗଣତନ୍ତ୍ର ସଫଳ ହେବ ବୋଲି ସମବେତ ସଚେତନ କାର୍ଯ୍ୟକର୍ତ୍ତାମାନେ ମତପ୍ରକାଶ କରିଥିଲେ। ସଭା ଆରମ୍ଭରେ ସମାଜସେବୀ ତଥା କ୍ୟାଟ୍ ର ରାଷ୍ଟ୍ରୀୟ ଉପାଧକ୍ଷ ଜିତେନ୍ଦ୍ର ଗୁପ୍ତା ପରିଚୟ ପ୍ରଦାନ କରିଥିଲେ। ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ସ୍ୱେଚ୍ଛାସେବୀ ପର୍ଶୁରାମ ଦାଶ ସମସ୍ତେ ସକ୍ରିୟ ଭାବେ ସହଯୋଗ କରିବା ତଥା ନିଜ ଆଖପାଖରେ ରହୁଥିବା ବ୍ୟକ୍ତିମାନଙ୍କୁ ମତଦାନ କେନ୍ଦ୍ରକୁ ଆଣି ଭୋଟ ଦେବା ପାଇଁ ଲୋକମାନଙ୍କୁ ସଚେତନ କରାଇବାକୁ ଅନୁରୋଧ କରିଥିଲେ। ନିର୍ବାଚନ କମିଶନଙ୍କ ବିଭିନ୍ନ ନିୟମ ସଂପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। କ୍ୟାଟ୍ ର ଅଧକ୍ଷ କମଲ କୁମାର ଅଗ୍ରୱାଲ ଆଗାମୀ ଦିନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ରାମକୃଷ୍ଣ ତ୍ରିପାଠୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅନୁଗୋଳର ପ୍ରମୁଖ ସାମାଜିକ ଅନୁଷ୍ଠାନ ତଥା ଆଧ୍ୟାତ୍ମିକ ଅନୁଷ୍ଠାନ ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ପତଞ୍ଜଳି ଯୋଗ ସମିତି, ଆଦିତ୍ୟ ବାହିନୀ, ଗାୟତ୍ରୀ ପରିବାର, ଅଗ୍ରୁ, ମାରୁୱାଡ଼ି ଯୁବ ମଞ୍ଚ, ଏଫ୍‌ଆଇଏସ୍, ବିକଳ୍ପ ବିକାଶ, ଡୋଭ୍, ମାରୱାଡ଼ି ମହିଳା ସମିତି, ବିଶିଷ୍ଟ ଅଧିବକ୍ତା ଓ ସାମ୍ବାଦିକ ଏହି ଭୋଟର ସଚେତନତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଏନେଇ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ କରିବା ନେଇ ଆଲୋଚନା ହୋଇଥିଲା।

# ବିଜେଡିରେ ମିଶିଲେ ଶତାଧିକ ବିଜେପି କର୍ମୀ



**ତାଳଚେରସଦର ୧୯ ।୫(ସମିସ):** ତାଳଚେର ବ୍ଲକ ଅନ୍ତର୍ଗତ ଗୁରୁଜାଙ୍ଗୁଲି ଗ୍ରାମ ପଞ୍ଚାୟତ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନଙ୍କ ନିଜସ୍ୱ କାର୍ଯ୍ୟାଳୟ ନନ୍ଦିରାଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନଙ୍କ ହାତମୁଠାକୁ ଟାଣ କରିବା ପାଇଁ ଗୁରୁଜାଙ୍ଗୁଲି ପଞ୍ଚାୟତର ବିଜେଡି ସଭାପତି ସୁଶାନ୍ତ ଦାସଙ୍କ ନେତୃତ୍ୱରେ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ଗୁଜଙ୍ଗୁଲି ପଞ୍ଚାୟତର ସଭାପତି ସୁମନ ମହାନ୍ତି ଓ ବିଜେଡି ଛାତ୍ର ସଭାପତି ଦିନେଶ କୁମାର ସାମଲଙ୍କ ଉପସ୍ଥିତରେ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା ବିଜେପିର ବରିଷ୍ଠ ସଦସ୍ୟ ବାବୁଲା ସାମଲ, ବିଜେପିର ବରିଷ୍ଠ ନେତା ତ୍ରିବେଣୀ ବେହେରା, ବରିଷ୍ଠ ଯୁବ ସଂଗଠକ ରମେଶ ଜେନା, ପ୍ରଭାତ କୁମାର ପଟ୍ଟନାୟକ ପ୍ରମୁଖ ଖୁଲୁଆ, ଟାଇଁପାଳ, ଗୁରୁଜାଙ୍ଗୁଲି ଗ୍ରାମର ଶତାଧିକ ବିଜେପି କର୍ମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ବିକାଶଧାରା ଓ ଶ୍ରୀ ପ୍ରଧାନଙ୍କ ଦକ୍ଷତା ଏବଂ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଶ୍ରୀ ପ୍ରଧାନ ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଦଳକୁ ସ୍ୱାଗତ କରିଥିଲେ। ପଞ୍ଚାୟତ ଯୁବ ବିଜେଡି ପଞ୍ଚାୟତ ସଭାପତି ସୁମନ ମହାନ୍ତି ଏ ଅବସରରେ ସେମାନଙ୍କୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ସ୍ରୋତରେ ସାମିଲ ହୋଇ ମେ ୨୫ ତାରିଖ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଶ୍ରୀ ପ୍ରଧାନ ଓ ସାଂସଦ ପ୍ରାର୍ଥୀ ଡା. ଅଭିନାଶ ସାମଲଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରାଇବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

# କଂଗ୍ରେସ ପ୍ରାର୍ଥୀଙ୍କ ରୋଡ୍ ସୋ

**ଆଠମଲ୍ଲିକ, ୧୯ ।୫(ସମିସ):** ଆଜି ସମ୍ବଲପୁର କଂଗ୍ରେସ ସାଂସଦ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଓ ଆଠମଲ୍ଲିକ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଚାଉଳିଆ ରୋଡ୍ ସୋ କରି ନିର୍ବାଚନୀ ପ୍ରଚାର କରିଛନ୍ତି। ନିଜ ସମର୍ଥକମାନଙ୍କୁ ଅଟୋ ଏବଂ ବାଇକ ରାଲିରେ ବାରେଣୀ ଛକଠାରୁ ବିରାଟ ପଟୁଆରରେ ବାହାରି ଆଠମଲ୍ଲିକ ଠାରେ ପହଞ୍ଚି ଏନଏସିର ବିଭିନ୍ନ ୱାର୍ଡରେ ରୋଡ ସୋ କରିଥିଲେ। ଏହି ରୋଡ ସୋ'ରେ ବହୁ ଜନସମର୍ଥନ ଦେଖିବାକୁ ମିଳିଥିଲା। ରୋଡ ସୋ ବିନିକେୟାରେ ସମାପ୍ତ ହୋଇଥିଲା। ଓବିସି ସେଲର ଅଧକ୍ଷ ବିଜୟାନନ୍ଦ ଚାଉଳିଆ, ଆଠମଲ୍ଲିକ ନଗର ସଭାପତି କମଳାକାନ୍ତ ପ୍ରଧାନଙ୍କ ସମେତ ବହୁ କଂଗ୍ରେସ କର୍ମୀ ରୋଡ ସୋ'ରେ ସାମିଲ ହୋଇଥିଲେ।



# ରମଣୀରଞ୍ଜନ ପ୍ରଧାନଙ୍କ ପ୍ରଚାର ଅଭିଯାନ

**ଅନୁଗୋଳ, ୧୯ ।୫(ସମିସ):** ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ର ପ୍ରାର୍ଥୀ ରମଣୀରଞ୍ଜନ ପ୍ରଧାନ ଅନୁଗୋଳ ବ୍ଲକର ଅନ୍ଧୁଲିଆ, ଟାଇଁସି, ଜଗନ୍ନାଥପୁର, ପୁରୁଣାକୋଟ, ଟିକରପଡ଼ା, ମାଟିଆସାହି ପଞ୍ଚାୟତର ବିଭିନ୍ନ ଗାଁ ଗାଁରେ ପ୍ରଚାରକୁ ଜୋରଦାର କରିଛନ୍ତି। ବିପର୍ଯ୍ୟସ୍ତ ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଜଳସେଚନ ଭଳି ମୌଳିକ ସମସ୍ୟାର ସମାଧାନ ଏବଂ ହାତୀ ଉପଦ୍ରବ ବନ୍ଦ ଦାବିରେ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବା ଏବଂ ଜନସାଧାରଣଙ୍କ ନ୍ୟାଯ୍ୟ ଦାବିକୁ ବିଧାନସଭାରେ ଦୃଢ଼ଭାବେ ଉପସ୍ଥାପନ ପାଇଁ ଗ୍ଲାସ୍ ଚିହ୍ନରେ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ପ୍ରଚାର ଅଭିଯାନ ସମୟରେ ରମଣୀରଞ୍ଜନ ପ୍ରଧାନଙ୍କ ସହିତ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ, ନାରୀନେତ୍ରୀ ସୁରୁଚି ପ୍ରଧାନ, ଫୁଲ ପ୍ରଧାନ, ରମେଶ ଲୁହା ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାରେ ହାଟ, ଟ୍ରାଫିକ୍ ସମସ୍ୟା ଜଟିଳ

**ବଇଣ୍ଡା, ୧୯ ।୫(ସମିସ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଠାରେ ହେଉଥିବା ପୁରାତନ ସାପ୍ତାହିକ ହାଟ ୫୫ ନମ୍ବର ଜାତୀୟ ରାଜପଥରେ ରବିବାର ବସିଥିବା ଯୋଗୁଁ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। ଏପରିକି ଅନେକ ମାଲବାହୀ ଟ୍ରକ ଜାମରେ ଫସିଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ରାସ୍ତା କଡ଼ରେ ଏହି ହାଟ ବସୁଥିଲେ ମଧ୍ୟ ବଇଣ୍ଡା ଫାଣ୍ଡି ପୁଲିସ ପଦକ୍ଷେପ ନେଉ ନଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘଟଣାରୁ ଜଣାପଡିଛି ଯେ, ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏହି ହାଟ ବଇଣ୍ଡାରେ ହେଉଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ଜାଗା ସହ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ କିଛି ଅସାଧୁ ବ୍ୟବସାୟୀ ରାସ୍ତା କଡ଼ରେ ପସରା ମେଲାଉଥିବା ଯୋଗୁଁ ଅନ୍ୟ ବ୍ୟବସାୟୀ ଓ ଚାଷୀମାନେ ମଧ୍ୟ ରାସ୍ତା କଡ଼ରେ ନିଜ ନିଜର ପରିବା ନେଇ ବସୁଛନ୍ତି। ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ବସୁଥିବା ଯୋଗୁଁ ସକାଳ ୬ ରୁ ଅପରାହ୍ନ ୧୨ ପର୍ଯ୍ୟନ୍ତ ଗାଡ଼ି ମଟର ଯାତାୟାତ କରିବାରେ ବ୍ୟାପକ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ନୁନୁକାପଶି ପଞ୍ଚାୟତ ଅଧୀନରେ ଏହି ହାଟ ହେଉଥିବା ଯୋଗୁଁ ହାଟ ଉନ୍ନତି ପାଇଁ ଅନେକ ପିଣ୍ଡି ନିର୍ମାଣ କରାଯାଇଛି। ରାସ୍ତା ଉପରେ କୌଣସି ବ୍ୟବସାୟୀ ନ ବସିବା ପାଇଁ ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ମଧ୍ୟ ଅସାଧୁ ବ୍ୟବସାୟୀମାନେ ରାସ୍ତା ଉପରେ ବସୁଥିବା ଯୋଗୁଁ ସମସ୍ୟା ଦେଖାଦେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ରାସ୍ତା ଉପରୁ ହାଟକୁ ସ୍ଥାନାନ୍ତର କରିବା ପଞ୍ଚାୟତ ପକ୍ଷରୁ ବାରମ୍ବାର ବଇଣ୍ଡା ଫାଣ୍ଡି ପୁଲିସକୁ ଅବଗତ କରାଯାଇଥିଲେ ମଧ୍ୟ ବଇଣ୍ଡା ଫାଣ୍ଡି ପୁଲିସ ପଦକ୍ଷେପ ନେଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟରେ ବଇଣ୍ଡା ଅଞ୍ଚଳରେ ବାରମ୍ବାର ଟ୍ରାଫିକ ସମସ୍ୟା ଦେଖାଯାଉଥିଲେ ମଧ୍ୟ ଛକରେ ବଇଣ୍ଡା ଫାଣ୍ଡି ପୁଲିସ ପକ୍ଷରୁ କୌଣସି କର୍ମଚାରୀଙ୍କୁ ମୁତୟନ କରୁ ନଥିବା ଯୋଗୁଁ ବଇଣ୍ଡା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଅନୁଗୋଳ ଜିଲ୍ଲା ଏସପି ଦୃଷ୍ଟିଦେଇ ବଇଣ୍ଡା ଫାଣ୍ଡିରେ ଦକ୍ଷ ପୁଲିସ କର୍ମଚାରୀ ନିଯୁକ୍ତି କରିବା ପାଇଁ ଦାବି ହୋଇଛି। ଏ ନେଇ ହଣ୍ଡପା ଆଇଆଇସି ନମିତା ନାୟକ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।

**● ବଇଣ୍ଡା ଫାଣ୍ଡି ପଦକ୍ଷେପ ନେଉ ନଥିବାରୁ ଅସନ୍ତୋଷ**





# ଦନ୍ତା ଆକ୍ରମଣରେ ବୃଦ୍ଧା ମୃତ



ଓଡାପଡ଼ା, ୧୯ ।୫ (ସମିସ) : ଢେଙ୍କାନାଳ ଜିଲ୍ଲାର ମୋଟଙ୍ଗା ଥାନା ଅନ୍ତର୍ଗତ ବଳରାମପ୍ରସାଦସ୍ଥିତ ପାନିକଝର ପାହାଡ଼ତଳ ଆମ୍ବ ତୋଟାରେ ଜନୈକା ବୃଦ୍ଧା ଆମ୍ବ ଗୋଟାଉଥିବା ବେଳେ ଏକ ଦନ୍ତାହାତୀ ତାଙ୍କୁ ଦଳିଚକଟି ମାରିଦେଇଥିବା ଜଣାପଡ଼ିଛି। ବଳରାମପ୍ରସାଦ ଗ୍ରାମର ବୃଦ୍ଧା ଲକ୍ଷ୍ମୀପ୍ରିୟା ମହାପାତ୍ର ଓରଫ କଣ୍ଟେଇ (୭୫) ପ୍ରତଦିନ ପରି ଆଜି ଭୋରରୁ ଆମ୍ବତୋଟାକୁ ଆମ୍ବ ଗୋଟେଇବା ପାଇଁ ଯାଇଥିଲେ। ହଠାତ ଏକ ବଣୁଆ ହାତୀ ସମ୍ମୁଖରେ ପଡ଼ିଯିବା କାରଣରୁ ହାତୀଟି ବୃଦ୍ଧାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଖବର ପାଇ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ବନବିଭାଗକୁ ଖବର ଦେଇଥିଲେ। ଓଡାପଡ଼ା ବନରକ୍ଷୀ ସୁବାଷ ଚନ୍ଦ୍ର ସାହୁ ଓ ରେଞ୍ଜର ବିରୁଦାନନ୍ଦ ମିଶ୍ର ଓ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ। ଢେଙ୍କାନାଳ ସାଂସଦ ତଥା ହିନ୍ଦୋଳ ବିଧାନସଭା କ୍ଷେତ୍ରର ବିଜେଡି ବିଧାୟକ ପ୍ରାର୍ଥୀ ମହେଶ ସାହୁ ଓ ଓଡାପଡ଼ା ପଞ୍ଚାୟତ ସମିତିର ଭାଇସ ଚେୟାରମ୍ୟାନ ଅମିତାଭ ସ୍ୱାଇଁ ଘଟଣା ସ୍ଥାନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣେଇଛନ୍ତି। କ୍ଷତିପୂରଣ ବାବଦରେ ନଗଦ ୬୦ ହଜାର ଟଙ୍କାର ଚେକ୍ ପରିବାର ଲୋକଙ୍କୁ ବନବିଭାଗ ତରଫରୁ ପ୍ରଦାନ କରାଯାଇଛି। ଶବ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ଅଞ୍ଚଳରେ ହାତୀମାନଙ୍କର ସଠିକ ତଥ୍ୟ ସର୍ବସାଧାରଣଙ୍କ ଠାରେ ମିଳିପାରୁ ନଥିବାରୁ ଉଦବେଗ ପ୍ରକାଶ ପାଇଛି। ମୃତ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀଙ୍କ ନାମ ଶଙ୍କରର୍ଷଣ ମହାପାତ୍ର ବୋଲି ଜଣାପଡ଼ିଛି।

## କଙ୍କଡ଼ାହାଡ଼ରେ ଦୁଇ ଡାକ୍ତର ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

# ଭୋଟରଙ୍କ ମନ ଜିଣିଲେ ଅବିନାଶ ସାମଲ ଓ ନୃସିଂହ ସାହୁ

ଢେଙ୍କାନାଳ ୧୯ ।୫ (ସମିସ)

ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀର କଙ୍କଡାହାଡ଼ ବ୍ଲକରେ ବିଜେଡି ସାଂସଦ ପ୍ରାର୍ଥୀ ଡାକ୍ତର ଅବିନାଶ ସାମଲ ଏବଂ ବିଧାୟକ ପ୍ରାର୍ଥୀ ଡ.ନୃସିଂହ ଚରଣ ସାହୁ ମାରାଥନ ପ୍ରଚାର କରିଛନ୍ତି। ମୁଁ ଲୋକଙ୍କ ସେବା କରିବାକୁ ଆସିଛି ବୋଲି ଡାକ୍ତର ଅବିନାଶ ସାମଲ ପ୍ରକାଶ କରିଛନ୍ତି। ମୁଁ କାହା ବିଷୟରେ କହିବାକୁ ଚାହୁଁନି, ମୁଁ ଲୋକଙ୍କ ସେବା କରିବି ବୋଲି କହିଥିଲେ।

**● ଲୋକମାନଙ୍କ ସେବା କରିବାକୁ ଆସିଛି: ଅବିନାଶ**

**● ବିକାଶକୁ ବିରୋଧୀ ସହିପାରୁନାହାନ୍ତି: ନୃସିଂହ**





ସାଂସଦ ପ୍ରାର୍ଥୀ ଡାକ୍ତର ଅବିନାଶ ସାମଲ ଓ ବିଧାୟକ ପ୍ରାର୍ଥୀ ଡାକ୍ତର ନୃସିଂହ ସାହୁ ଗାଁକୁ ଗାଁ ବୁଲି ଆଜି ପ୍ରଚାର କରିଛନ୍ତି। କଙ୍କଡାହାଡ଼ ବ୍ଲକରେ ପ୍ରଚାର ସମୟରେ ଡାକ୍ତର ନୃସିଂହ ସାହୁ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ବିକାଶକୁ ବିରୋଧୀ ବାଲା ସହିପାରୁନାହାନ୍ତି କିମ୍ବା ଦେଖିପାରୁନାହାନ୍ତି। ତାଙ୍କ ଆଖିରେ ମୋତିଆ ବିନ୍ଦୁ ହୋଇଛି। ତାଙ୍କର ଅସ୍ତ୍ରୋପଚାର ଦରକାର ବୋଲି କହିଥିଲେ। ସେହିପରି ଜଣେ ଡାକ୍ତର ଭାବରେ ଅବିନାଶ ସାମଲ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ଲୋକଙ୍କ ସେବା ପାଇଁ ସେ କାମ କରିବାକୁ ଆସିଛନ୍ତି ବୋଲି କହିଛନ୍ତି। କିଏ କ'ଣ କହୁଛି, କଣ କରୁଛି ମୋର ସେ ବିଷୟରେ କିଛି କହିବାର ନାହିଁ। ମୁଁ ମୋର କାମ କରୁଛି, ସେମାନେ ତାଙ୍କ କାମ କରନ୍ତୁ। ଭୋଟର ତାଙ୍କ ମତସାବ୍ୟସ୍ତ କରିବେ ବୋଲି କହିଛନ୍ତି। ଜଣେ ଉଚ୍ଚଶିକ୍ଷିତ ଭାବରେ ସେ ଯୁବକମାନଙ୍କର ବିକାଶ କରିବାକୁ ଆଗେଇ ଆସିଛନ୍ତି ବୋଲି କହିଥିଲେ। ନବୀନ ପଟ୍ଟନାୟକଙ୍କ ଯୁଗାନ୍ତକାରୀ ଯୋଜନା ଭିତରେ ବିଜୁ ସ୍ୱାସ୍ଥ୍ୟକାର୍ଡ, ମିଶନ ଶକ୍ତି, ମମତା ଯୋଜନା, ଲକ୍ଷ୍ମୀବସ, ୫-ଟି ସ୍କୁଲ, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା, ଜଗ୍ଗାର୍ଡକୁ ନେଇ ଲୋକମାନଙ୍କୁ ଅବଗତ କରିଥିଲେ। ବିଭିନ୍ନ ସ୍ଥାନରେ ସଭାସମିତି କରି ଭୋଟରମାନଙ୍କୁ ନବୀନ ପଟ୍ଟନାୟକଙ୍କ ଦୁଇ ଗ୍ୟାରେଣ୍ଟି ଆସନ୍ତା ଜୁନ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଶପଥ ନେବା ପରେ ତାଙ୍କର ପ୍ରଥମ ଦସ୍ତଖତ ୧ଶହ ୟୁନିଟ ମାଗଣା ବିଜୁଳି ପାଇଁ ପ୍ରଥମ ସ୍ୱାକ୍ଷର ଏବଂ ସମସ୍ତଙ୍କ ପାଇଁ ବିଏସକେୱାଇ ଯୋଜନା ଲାଗୁହେବ ବୋଲି କହିଛନ୍ତି। ଏଥିଲାଗି ଯୋଡ଼ିଶଙ୍ଖରେ ଭୋଟଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ଦୁଇ ଡାକ୍ତର ପ୍ରାର୍ଥୀ ଆହ୍ୱାନ ଦେଇଥିଲେ। ଚଳିତ ନିର୍ବାଚନରେ ଯୁବକ ଭାବରେ ଅବିନାଶ ସାମଲଙ୍କୁ ବିଭିନ୍ନ ସ୍ଥାନରେ ବେଶ ଲୋକସମର୍ଥନ ମିଳୁଥିବା ବେଳେ ନୃସିଂହ ସାହୁଙ୍କ ପ୍ରତି ଜନଆଦୃତି ବଢୁଥିବା ଦେଖିବାକୁ ମିଳିଛି। ବିଜେଡି ଉଭୟ ବିଧାନସଭା ଏବଂ ଲୋକସଭାରେ ବିଜୟୀ ହେବ ବୋଲି ଭୋଟରମାନେ ପ୍ରକାଶ କରିଛନ୍ତି।

## ଯୁବତୀଙ୍କ ଆମ୍ବହତ୍ୟା

କାମାକ୍ଷାନଗର, ୧୯ ।୫ (ସମିସ) : କାମାକ୍ଷାନଗର ଥାନା ଅନ୍ତର୍ଗତ ସମାଟାଙ୍ଗି ଗାଁରେ ରବିବାର ସକାଳେ ଯୁବତୀ ସୁନି ନାୟକ (୧୮) କୌଣସି କାରଣ ପାଇଁ ଘର ଭିତରେ ଆମ୍ବହତ୍ୟା କରିଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାକୁ ନେଇ କାମାକ୍ଷାନଗର ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଚଳାଇଛି।

## ପୋଷ୍ଟାଲ ବାଲଟରେ ୪୧୮ ଜଣଙ୍କ ମତଦାନ

**ଢେଙ୍କାନାଳ,୧୯।୪(ସମିସ)** : ଢେଙ୍କାନାଳ ଜିଲ୍ଲାରେ ସାଂସଦ ଓ ବିଧାୟକଙ୍କ ପାଇଁ ପୋଷ୍ଟାଲ ବାଲଟରେ ୪୧୮ ଜଣ ମତଦାନ କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଯେଉଁମାନେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ, ଅତ୍ୟାବଶ୍ୟକ କ୍ଷେତ୍ର ଏବଂ ପିଡବ୍ଲ୍ୟୁଡି ମାନଙ୍କ ପାଇଁ ରିଟର୍ଣ୍ଣିଂ ଅଫିସର ୧୨ଡି ଫର୍ମ ଜାରି କରିଥିଲେ। ସେମାନଙ୍କ ମଧ୍ୟରୁ ୮୫ବର୍ଷରୁ ଅଧିକ ୨୧ଜଣ, ପିଡବ୍ଲ୍ୟୁଡି ମାନଙ୍କ ପାଇଁ ୭ଜଣ ଏବଂ ଅତ୍ୟାବଶ୍ୟକ କ୍ଷେତ୍ରରେ ନିୟୋଜିତ ୩୩୯ଜଣଙ୍କୁ ଭୋଟଦେବାକୁ ୧୨ଡି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଅତ୍ୟାବଶ୍ୟକ କ୍ଷେତ୍ରରେ ନିୟୋଜିତ ୧୫୮ ଜଣ ଭୋଟଦାନ କରିଥିବା ଜଣାପଡ଼ିଛି। ସେହିପରି ହିନ୍ଦୋଳ ନିର୍ବାନ ମଣ୍ଡଳୀରେ ୨୬୦ଟି ୧୨ଡି ଫର୍ମ ଜାରି କରାଯାଇଥିବା ବେଳେ ସାଂସଦ ଓ ବିଧାୟକଙ୍କ ପାଇଁ ୧୪୫ଟି ଭୋଟ ପ୍ରଦାନ କରାଯାଇଛି। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ପାଇଁ ୨୮୮ଟି ୧୨ଡି ଫର୍ମ ଜାରି କରାଯାଇଥିବା ବେଳେ ମୋଟ ୧୬୨ଜଣ ମତଦାନ କରିଛନ୍ତି। ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରେ ମୋଟ ୧୭୭ଟି ୧୨ଡି ଫର୍ମ ଜାରି କରାଯାଇଥିବା ବେଳେ ୧୧୧ ଜଣ ମତଦାନ କରିଛନ୍ତି।

## ଫେରାର ଅଭିଯୁକ୍ତ ଗିରଫ



ଗଁଦିଆ, ୧୯।୪(ସମିସ) : ଢେଙ୍କାନାଳ ଗଁଦିଆ ଥାନା ଅନ୍ତର୍ଗତ ଯୋରନ୍ଦା ଫାଣ୍ଡି ଅଧୀନ ଆତିଣ୍ଡା ଗ୍ରାମର ନିଶିକାନ୍ତ ଦେହୁରୀ ୨୦୧୨ ମସିହାରେ ଏକ ଚୋରି ଘଟଣାରେ ସମ୍ପୃକ୍ତ ରହି ଫେରାର ରହିଥିଲା। ତାକୁ ପୁଲିସ ଗିରଫ କରି ଯୋରନ୍ଦା ଫାଣ୍ଡିରେ ରଖିଥିଲା, କିନ୍ତୁ ଅତି ଚତୁରତା ସହିତ ଫାଣ୍ଡି କର୍ମଚାରୀଙ୍କୁ ଚକମା ଦେଇ ସେ ଫେରାର ହୋଇଥିଲା। ସେ ତାଳଚେର ଅଞ୍ଚଳରେ ରହୁଥିବା ଖବର ପାଇ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଗଁଦିଆ ଥାନା ଅଧିକାରୀ ସଲିଳ କୁମାର ପ୍ରଧାନଙ୍କ ନେତୃତ୍ୱରେ ସହଅଧିକାରୀ ସୁବ୍ରତ କୁମାର ସାହୁ ଓ ଅନ୍ୟ କର୍ମଚାରୀ ମିଳିତ ଭାବରେ ଗତକାଲି ରାତ୍ରିରେ ତାଳଚେର ଅଞ୍ଚଳର ଗୋଡ଼ିବନ୍ଧ ପାଖ ଜଙ୍ଗଲରେ ଚଢ଼ଉ କରି ଉକ୍ତ ଅଭିଯୁକ୍ତକୁ ଗିରଫ କରିଥିଲେ। ଉକ୍ତ ଅଭିଯୁକ୍ତ ନାମରେ ନିହଲପ୍ରସାଦ ଥାନା ଓ ଅନ୍ୟ ଥାନାରେ ମାମଲା ଥିବାର ଜଣାଯାଏ।

# ବେଆଇନ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ବିରୁଦ୍ଧରେ ତଦନ୍ତ ଆରମ୍ଭ

**ଢେଙ୍କାନାଳ, ୧୯ ।୫ (ସମିସ)** : ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ କମ୍ପୁଲେଇ ଠାରେ ଥିବା ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ବିରୁଦ୍ଧରେ ଅଭିଯୋଗ ମିଳିବା ପରେ ତଦନ୍ତ ଆରମ୍ଭ ହୋଇଛି। ଗତ ୩ ସପ୍ତାହ ପୂର୍ବେ ରାଜ୍ୟର ଏକ ପ୍ରତିଷ୍ଠିତ ଗଣମାଧ୍ୟମରେ ମୌଳିକ ସୁବିଧାରୁ ବଞ୍ଚିତ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ନାମରେ ଖବର ପ୍ରକାଶିତ ହେବା ପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ନେଇ ବିଭାଗୀୟ ଅଧିକାରୀ ଖବରକୁ ଭିତ୍ତିକରି କଙ୍କଡ଼ାହାଡ଼ ବ୍ଲକ ଏବିଇଓ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। କଙ୍କଡ଼ାହାଡ଼ ବ୍ଲକ ଅଧୀନସ୍ଥ କମ୍ପୁଲେଇ କ୍ଲଷ୍ଟର ସିଆରସି ବିଶ୍ୱମ୍ବର ପତି ତଥାକଥିତ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ବିଦ୍ୟାପତି ଟ୍ୟୁଟୋରିଅଲ ସେଣ୍ଟର ବଳଦିଆପାଳକୁ ଯାଇ ଏହାର ସରଜମିନ ତଦନ୍ତ କରିଛନ୍ତି। ଶ୍ରୀ ପତିଙ୍କ କହିବା ଅନୁଯାୟୀ ଉକ୍ତ ତଥାକଥିତ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ସମ୍ପୂର୍ଣ୍ଣ ବେନିୟମ ଭାବରେ ଚାଲିଥିବା ଜାଣିବାକୁ ପାଇଥିଲେ। ଏହି ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ଆନନ୍ଦ ମହାନ୍ତ ଏବଂ ତାଙ୍କ ପରିବାର ବର୍ଗ ମିଳିମିଶି ଚଳାଉଥିବାର ଜଣାପଡ଼ିଛି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ପିଲାମାନଙ୍କ ରହିବା, ଖାଇବା, ଶୌଚାଳୟର ଉତ୍ତମ ବ୍ୟବସ୍ଥା ନଥିବା ଜଣାପଡ଼ିଛି। ଏହା ବିନା ସରକାରୀ ଅନୁମତିରେ ଚାଲିଥିବା ଜାଣିବାକୁ ପାଇଥିଲେ। ତେବେ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି କି, ଉକ୍ତ ଘରୋଇ ପ୍ରଶିକ୍ଷଣ କେନ୍ଦ୍ରଟି ବିନା ସରକାରୀ ଅନୁମୋଦନରେ ଦୀର୍ଘ କୋଡ଼ିଏ ବର୍ଷ ଧରି କିପରି ଭାବେ ଚାଲିଛି। ପ୍ରାୟ ୧ଶହ କୋମଳମତି ଶିଶୁଙ୍କ ଭବିଷ୍ୟତ ସହିତ କାହିଁକି ସାଲିସ କରାଯାଇଛି ବୋଲି ପ୍ରଶ୍ନ ଉଠିଛି। କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ସ୍ୱତନ୍ତ୍ର ତଦନ୍ତ ଅନୁଯାୟୀ ଏହାପ୍ରତି କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାକୁ ନେଇ ଆଲୋଚନା ହେଉଛି।

# ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ



**ଗଁଦିଆ ୧୯ ।୫ (ସମିସ)** : ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ସ୍ଥିତ ଶ୍ରୀ ଶ୍ରୀ ରାଧାକୃଷ୍ଣଜୀଉ ମଠରେ ୯ଦିନ ଧରି ଚାଲିଥିବା ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶନିବାର ଉଦଯାପିତ ହୋଇଯାଇଛି। ଗନ୍ଦିଆ ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଚାଲିଥିଲା। ରାମଚରିତ ମାନସ ପ୍ରବଚନ କାର୍ଯ୍ୟକ୍ରମ ପ୍ରତିଦିନ ସାନ୍ଧ୍ୟାରେ ରାମଙ୍କ ବାଣୀ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ଗନ୍ଦିଆ, ଅଙ୍କୁର୍ଦା, ଶ୍ରୀରାମଚନ୍ଦ୍ରପୁର, ସାନ୍ଦାପସୀପାଟଣା, ପୋରୁହଖୋଜ, ବଣିଆପଡ଼ା, ମଠତେନ୍ତୁଳିଆ ଓ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଯୋଗଦେଇଥିଲେ। ଏହି ଉଦଯାପନୀ ଅବସରରେ ଆୟୋଜକ ଗନ୍ଦିଆ ଗ୍ରାମବାସୀ ପକ୍ଷରୁ ଶହ ଶହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶାର ପ୍ରଖ୍ୟାତ ପ୍ରବଚକ ବସନ୍ତ କୁମାର ବିଶୋଇ, ଅନିଲ ଦାସ, ବସନ୍ତ ମଙ୍ଗରାଜ ପ୍ରମୁଖ ପ୍ରବଚକଙ୍କ ମର୍ଯ୍ୟାଦା ଶ୍ରୀରାମଙ୍କ ବାଣୀ ଶୁଣିବା ସହିତ ବିଭୁକୃପା ଲାଭ କରିଥିଲେ।

# ଖମଣ ଓ ତଣ୍ଡରା ପଞ୍ଚାୟତ ପକ୍ଷରୁ ସନ୍ଧ୍ୟାରାଣୀଙ୍କୁ ସ୍ୱାଗତ

**ବ୍ୟାସନଗର, ୧୯।୫(ସମିସ)**: କୋରେଇ ନିର୍ବାଚନମଣ୍ଡଳୀ ଖମଣ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ କୋରେଇ ବିଜେଡି ବିଧାୟିକା ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶଙ୍ଖଚିଲା ହାଟ ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ପଞ୍ଚାୟତବାସୀ ସନ୍ଧ୍ୟାରାଣୀଙ୍କୁ ସ୍ୱାଗତ କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ। ପ୍ରଥମେ ସନ୍ଧ୍ୟାରାଣୀ ଖମଣ ପଞ୍ଚାୟତରେ ପହଞ୍ଚିବା ପରେ ସ୍ଥାନୀୟ ଆରାଧ୍ୟ ଦେବୀ ମା' ହିଙ୍ଗୁଳାଙ୍କ ପାଦପଦ୍ମରେ ନିଜକୁ ସମର୍ପିତ କରିବା ସହିତ ମା'ଙ୍କ ଆଶୀର୍ବାଦ କାମନା କରିଥିଲେ। ପରେ ଏକ ବାଇକ ଶୋଭାଯାତ୍ରାରେ ତାଙ୍କୁ ହିଙ୍ଗୁଳା ମନ୍ଦିରଠାରୁ ହାଟ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏହି ସଭାରେ ଶ୍ରୀମତୀ ଦାସ କୋରେଇର ସାମଗ୍ରିକ ବିକାଶ ନିମନ୍ତେ ତାଙ୍କୁ ଓ ସାଂସଦ ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ତାଙ୍କୁ ବିଜୟ କରି ନୂଆ ଓଡ଼ିଶା ଗଠନର ବିନ୍ଦାଣୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ।

ସେହିପରି କୋରେଇ ବ୍ଲକ ତଣ୍ଡରା ପଞ୍ଚାୟତରେ ମଧ୍ୟ ଦଳ ପକ୍ଷରୁ ବିଜେଡି ବିଧାୟିକା ପ୍ରାର୍ଥିନୀ ସନ୍ଧ୍ୟାରାଣୀ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଶ୍ରୀମତୀ ଦାସ କୋରେଇର ସାମଗ୍ରିକ ବିକାଶ ନିମନ୍ତେ ତାଙ୍କୁ ଓ ସାଂସଦ ପ୍ରାର୍ଥିନି ଶର୍ମିଷ୍ଠା ସେଠୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ତାଙ୍କୁ ବିଜୟ କରି ନୂଆ ଓଡ଼ିଶା ଗଠନର ବିନ୍ଦାଣୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଉଥରେ ମୁଖ୍ୟମନ୍ତ୍ରୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମହିଳା ସଭାନେତ୍ରୀ ସବିତା ରାଉତ, ବରିଷ୍ଠ ବିଜେଡି ନେତା ଭିକାରୀ ବରାଳ, ବାବୁଲାଲ ଗୁରୁ, କାଜଲ କିନ୍ନର, କୋରେଇ ବ୍ଲକ ଅଧକ୍ଷା ଜୟନ୍ତୀ ଦଳାଇ, ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଯେନା, ଖମଣ ଓ ତଣ୍ଡରା ପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

## ବିଜେପି ଛାଡ଼ି ସମିତି ସଭ୍ୟାଙ୍କ ବିଜେଡିରେ ଯୋଗଦାନ



**ପରଜଙ୍ଗ, ୧୯ ।୫ (ସମିସ)** : ଢେଙ୍କାନାଳ ଲୋକସଭା କ୍ଷେତ୍ରର ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ ବ୍ଲକ ମକୁଆକାଟେଣୀ ଗ୍ରାମପଞ୍ଚାୟତର ବିଜେପି ସମିତି ସଭ୍ୟା ହୀରାବତୀ ମୁଣ୍ଡାଙ୍କ ସହିତ ୧୦ରୁ ଉର୍ଦ୍ଧ୍ୱ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଏବଂ ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ନିର୍ମଳ ଭାବମୂର୍ତ୍ତି ଓ କାର୍ଯ୍ୟଦକ୍ଷତାରେ ଅନୁପ୍ରାଣିତ ହୋଇ ବିଜେପି ଛାଡ଼ି ବିଜୁ ଜନତା ଦଳରେ ମକୁଆକାଟେଣି ଠାରେ ଯୋଗଦାନ କରିଛନ୍ତି। ଯୁବ ନେତା ଅସିତ୍ କୁମାର ରାୟ ଚୌଧୁରୀ, ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## ଡାକ୍ତରଙ୍କୁ ମାଡ଼ମାରି ୨ ଯୁବକ ଗିରଫ

**କାମାକ୍ଷାନଗର, ୧୯ ।୫ (ସମିସ)** : ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ମାଡ଼ମାରିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ସୋମେନ୍ଦ୍ର ସାହୁଙ୍କୁ ଗତକାଲି ବିଳମ୍ବିତ ରାତିରେ କାର୍ଯ୍ୟ କରୁଥିବା ସମୟରେ ଜଣେ ଯୁବକ ମାଡ଼ ମାରିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ନେଇ ଡାକ୍ତର ସୋମେନ୍ଦ୍ର ସାହୁ ପରଜଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାରେ ସମ୍ପୃକ୍ତ ଥିବା ଦୋମୁହାଁଣି ଗ୍ରାମର ନିର୍ମଳ ଚନ୍ଦ୍ର ପରିଡ଼ା ଓ ଜଣେ ସହଯୋଗୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ନିର୍ମଳଙ୍କ ପରିବାର ମଧ୍ୟ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ବିଳମ୍ବିତ ରାତିରେ ଦେହ ଦେଖାଇବାକୁ ଆସି ବାରମ୍ବାର କଲିଂ ବେଲ ମାରିବା ସତ୍ତ୍ୱେ ଡାକ୍ତରବାବୁ ବିଳମ୍ବରେ କବାଟ ଖୋଲିବା ଓ ଖରାପ ବ୍ୟବହାର ଦେଖାଇବା ନେଇ ଅଭିଯୋଗ ହୋଇଛି। ତେବେ ଏନେଇ ଡାକ୍ତର ସୋମେନ୍ଦ୍ର ସାହୁଙ୍କ ପ୍ରତିକ୍ରିୟା ମିଳି ନଥିବା ବେଳେ ଉଭୟ ଅଭିଯୋଗ ଆଧାରରେ ପୁଲିସ ଅଧିକ ତଦନ୍ତ ଚଳାଇଛି।



## କଣ୍ୟାଁ ପଞ୍ଚାୟତରେ ପ୍ରମିଳାଙ୍କ ମାରାଥନ ପ୍ରଚାର

**କଣ୍ୟାଁଗୋଲା, ୧୯ ।୫ (ସମିସ)**: ହିଂଝାରପୁର ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥିନୀ ପ୍ରମିଳା ମଲ୍ଲିକ ତାଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ନିଜ ନିର୍ବାଚନ ମଣ୍ଡଳୀରେ ପୋଷ୍ଟର, ବ୍ୟାନର, ହୋଡିଂରେ ପରିପୂର୍ଣ୍ଣ କରିବା ସହ ରାଜ୍ୟ ସରକାରଙ୍କ ସଫଳତା କାର୍ଯ୍ୟକ୍ରମ ସଙ୍ଗୀତ ମାଧ୍ୟମରେ ପ୍ରଚାର କରୁଛନ୍ତି। ଏଥିସହିତ ପ୍ରମିଳା ନିଜ ନିର୍ବାଚନମଣ୍ଡଳୀର ପଞ୍ଚାୟତରେ ପ୍ରତ୍ୟେକ ଗାଁକୁ ଗାଁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ଏ ପରିପ୍ରେକ୍ଷୀରେ ଦଶରଥପୁର ବ୍ଲକସ୍ଥ କଣ୍ୟାଁ ପଞ୍ଚାୟତରେ ଆଜି ମାରାଥନ ପ୍ରଚାର କରିଥିବା ଦେଖିବା ପାଇଁ ମିଳିଛି। ସକାଳ ପ୍ରାୟ ୧୦ଟା ସମୟରେ ୧୫୦ରୁ ଉର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ଦୁବକଣ ଛକରୁ ଯାଇ ଧରମପୁର, ଗହିରାପାଳ, ଲକ୍ଷ୍ମୀପୁର, କଣ୍ୟାଁ, ଗୁଣ୍ଠୁଣିପଡ଼ା, ଇଚ୍ଛାପୁର, ମଲ୍ଲିପୁର, ଦୁବକଣ, ଦରବା, ଗରବନ୍ଧ ଆଦି ଗ୍ରାମକୁ ଯାଇ ସବୁଠି ପଥପ୍ରାନ୍ତ ସଭା ମାଧ୍ୟମରେ ପ୍ରଚାର କରିଥିଲେ। ଏଥିସହ ନବୀନ ସରକାର ସାଧାରଣ ଲୋକଙ୍କ ପାଇଁ କରିଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାରୁ ଜନସାଧାରଣ କିପରି ସୁଫଳ ପାଇଛନ୍ତି, ସେ ସମ୍ପର୍କରେ ମତବ୍ୟକ୍ତ କରିବା ସହ ଚଳିତ ସାଧାରଣ ନିର୍ବାଚନରେ ପୁଣିଥରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ହେଲେ ସମସ୍ତେ ଦୁଇଟି ଶଙ୍ଖରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ କହିଥିଲେ। ଏଥିସହ ମୁଁ ୨୫ ବର୍ଷ ହେବ ଆପଣଙ୍କ ମୁଲିଆ ହୋଇ ସେବା କରିଆସିଛି ଓ ଏଥର ପୁଣିଥରେ ଆପଣଙ୍କ ମୁଲିଆ ହୋଇ ସେବା କରିବାର ସୁଯୋଗ ଦେବାକୁ ଶ୍ରୀମତୀ ମଲ୍ଲିକ କହିଥିଲେ। ପ୍ରତ୍ୟେକ ଗାଁରେ ମହିଳାମାନେ ବହୁ ସଂଖ୍ୟାରେ ଯୋଗଦେଇ ପୁଷ୍ପଗୁଚ୍ଛ, ହୁଳହୁଳି ଦେଇ ପ୍ରମିଳାଙ୍କୁ ସ୍ୱାଗତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ କଣ୍ୟାଁ ସରପଞ୍ଚ ମନ୍ଦାକିନୀ ମଲ୍ଲିକ, କଣ୍ୟାଁ ପଞ୍ଚାୟତ ସଭାପତି ଚୌବନ ବାରିକ, ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ସମିତିସଭ୍ୟ ରୋଶନ ଦାସ, ପ୍ରାକ୍ତନ ସରପଞ୍ଚ ପ୍ରଶେଷ ସୂତାର, ଯୁବନେତା ଦେବଦତ୍ତ ନାୟକ, ଦେବବ୍ରତ ନାୟକ, ସୁଶାର ନାୟକ, ବିଶ୍ୱଜିତ ଦାସ, ଥାଲକୁଡ଼ିର ପୂର୍ବତନ ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ଯୁବନେତା ମହେଶ୍ୱର ଯେନା, ପ୍ରତାପ କୁମାର ନାୟକ, ଅଲେଖ ଦାସ, ପ୍ରଭାତ ନାୟକ, ଅଶୋକ ନାୟକ, ହୃଷିକେଶ ଦାସ ପ୍ରମୁଖଙ୍କ ସମେତ ବହୁ ଯୁବକ ଓ ଛାତ୍ର ନେତା ସାମିଲ ଥିଲେ।

# ଗଁଦିଆ ତହସିଲରେ ମାଙ୍କଡ଼ା ପଥର ଚୋରାଚାଲାଣ

ଗଁଦିଆ ୧୯ ।୫ (ସମିସ)

ଢେଙ୍କାନାଳ ଜିଲ୍ଲାର ଗନ୍ଦିଆ ତହସିଲ ଅଞ୍ଚଳରେ ବେଆଇନ ପଥରଖଣି ଚାଲିଥିବା ବେଳେ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଗଁଦିଆ ତହସିଲ ଅଧୀନରେ ଥିବା ବଣିଆପଡ଼ା, ଦଣ୍ଡେଇବେରିଣୀ, କୁଙ୍ଗାର ଜୁଆଳିବନ୍ଧ, ଶ୍ରୀ ରାମଚନ୍ଦ୍ରପୁର ଆଦି ଅଞ୍ଚଳରେ ବେଆଇନ ପଥର ଖଣିରେ ମାଙ୍କଡ଼ା ପଥର ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ଦିନରେ ଜେସିବି ଲଗାଇ ମାଟି କାଢ଼ିବା ଏବଂ ରାତିରେ ମାଙ୍କଡ଼ା ପଥର କାଟି ଚୋରାଚାଲାଣ କରାଯାଉଥିବା ସ୍ଥାନୀୟ ଗ୍ରାମବାସୀ ସୂଚନା ଦେଉଛନ୍ତି। ଫଳରେ ଗଁଦିଆରେ ରାଜ୍ୟ ସରକାରଙ୍କ ମୂଲ୍ୟବାନ ପତିତ, ଜଙ୍ଗଲ ଜମି ନଷ୍ଟ ହେଉଥିବା ବେଳେ ରାଜ୍ୟ ସରକାର ବିପୁଳ ପରିମାଣରେ ରାଜସ୍ୱ ହରାଉଛନ୍ତି। ବଣିଆପଡ଼ା, କୁଙ୍ଗାର, ଜୁଆଳିବନ୍ଧ ଅଞ୍ଚଳରେ ଖଣି ମାଫିଆମାନେ ୨୦/୩୦ଫୁଟ ଗଭୀରର ଖଣି ଖୋଲି ପଥର ଉଠାଉଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ବେଆଇନ ପଥର ଖଣି ଗ୍ରାମବାସୀଙ୍କ ପାଇଁ ବିପଦର କାରଣ ହୋଇଛି। ରାଜନୈତିକ ପୃଷ୍ଟପୋଷାକତା ଏବଂ ପ୍ରଶାନର ନୀରବତା ଯୋଗୁଁ ଗନ୍ଦିଆ ଅଞ୍ଚଳରେ ବେଆଇନ ପଥର ଖଣି ଚାଲୁଥିବା ଅଭିଯୋଗ ହୋଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାଲାଗି ସ୍ଥାନୀୟ ଗ୍ରମବାସୀ ଅନୁରୋଧ କରିଛନ୍ତି।

**● ଜେସିବି ଲଗାଇ ଲୁଟି ନେଉଛନ୍ତି ପଥର; ପ୍ରଶାସନ ନିରବଦ୍ରଷ୍ଟା**



### କୁଲୁମା ବାଲିପଶି ପଞ୍ଚାୟତରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ

# 'ଯୋଡ଼ିଶଙ୍ଖ'ରେ ଭୋଟ ଦେବାକୁ ମୁକେଶ ପାଲଙ୍କ ନିବେଦନ

କଣିହାଁ,୧୯ ।୫(ସମିସ)

ପାଲଲହଡ଼ା ନିର୍ବାଚନ ମଣ୍ଡଳୀର କଣିହାଁ ବ୍ଲକ ରେଙ୍ଗାଲି ଥାନା ଅନ୍ତର୍ଗତ ଜୋନସ୍ତରୀୟ ସମାବେଶରେ ରବିବାର ବିଜେଡି ବିଧାୟକ ପ୍ରାର୍ଥୀ ମୁକେଶ ପାଲ ବାଲିପଶି ଓ କୁଲୁମା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିରାଟ ରୋଡ୍ ସୋ କରିଥିଲେ । ଏଥିରେ ବିଭିନ୍ନ ଗ୍ରାମର ମହିଳାମାନେ ଉତ୍ସାହିତ ହୋଇ ଶ୍ରୀ ପାଲଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ମାରାଥନ ପ୍ରଚାରରେ ସାମିଲ ହୋଇଥିଲେ । ପଞ୍ଚାୟତର ଗାଁ ଗାଁରେ ବୁଲିବା ସହ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ଇସ୍ତାହାରକୁ ନେଇ ଭୋଟର ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା । ମାଗଣା ବିଜୁଳି, ସମସ୍ତଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟକାର୍ଡ, ୫ ବର୍ଷରେ ୨ ଲକ୍ଷ ସରକାରୀ ନିଯୁକ୍ତି ଏବଂ ନବୀନ ଗ୍ୟାରେଣ୍ଟିକୁ ନେଇ ବିଜେଡି ସପକ୍ଷରେ ପଞ୍ଚାୟତସ୍ତରରେ ବେଶ ଜନମତ ବୃଦ୍ଧି ପାଇବାରେ ଲାଗିଛି । ବିଜେଡି ନିଜର ବିକାଶ କାର୍ଯ୍ୟକୁ ପ୍ରାଧାନ୍ୟ ଦେଇ ଏଠାରେ ବିଧାୟକ ପ୍ରାର୍ଥୀ ଶ୍ରୀ ପାଲ ନିର୍ବାଚନମଣ୍ଡଳୀର ଘରକୁ ଘର ବୁଲି ପଞ୍ଚାୟତବାସୀଙ୍କୁ ଯୋଡ଼ିଶଙ୍ଖରେ ଭୋଟ



ଦେବାକୁ ନିବେଦନ କରିବା ସହ ସରକାରଙ୍କ ସମସ୍ତ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ତାଙ୍କ ଦାୟିତ୍ୱ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଚଳିତ ନିର୍ବାଚନରେ ବିଜେଡି ଇସ୍ତାହାର ପ୍ରକାଶ ପାଇବା ପରେ ବିଜେଡି କର୍ମୀ ଏବଂ ସାଧାରଣ ଭୋଟରଙ୍କ ମଧ୍ୟରେ ବେଶ ଉତ୍କଣ୍ଠା ଦେଖାଦେଇଛି । ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ଶାସନକୁ ଆସିବା ମାତ୍ରେ ଗରୀବ ଲୋକଙ୍କୁ ଜୁଲାଇ ମାସରୁ ମାଗଣାରେ ୧୦୦ ୟୁନିଟ ବିଜୁଳି ସହିତ ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବା ସହିତ ମିଶନ ଶକ୍ତି ଯୋଜନାରେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମହିଳାମାନଙ୍କୁ ଋଣ, ୫ବର୍ଷରେ ୨ ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ, ଯୁବକମାନଙ୍କ ପାଇଁ ଏକଲକ୍ଷ କୋଟିର ବଜେଟ କରିବାକୁ ଇସ୍ତାହାରରେ ପ୍ରକାଶ କରିଛନ୍ତି । ସେହିପରି କଚ୍ଚା ଘରକୁ ପକ୍କା ଘର କରିବା, ଝିଅ ବିଭାଘର ପାଇଁ ୨୫ ହଜାର ଟଙ୍କାର ସହାୟତା ପ୍ରଦାନ, ଲେବର କାର୍ଡରେ ବିଭିନ୍ନ ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ଶ୍ରୀ ପାଲ ପଞ୍ଚାୟତବାସୀଙ୍କୁ କହିଥିଲେ । ବିଜେଡିର ଏହି ବିଶାଳ ରାଲିରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, କଣିହା ବ୍ଲକ ବିଜେଡିର ଯୁବ ସଭାପତି ଗଗନ ବିହାରୀ ରାଉତ, ଦଳୀୟ କାର୍ଯ୍ୟକର୍ତ୍ତା, ନିର୍ବାଚିତ ଜନପ୍ରତିନିଧି ପ୍ରମୁଖ ରାଲିରେ ସାମିଲ ହୋଇଥିଲେ ।

## ମେଧା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କିଶୋରନଗର, ୧୯।୫(ସମିସ):** କିଶୋରନଗର ଝାମ୍ପୁଲି ସ୍ଥିତ ବ୍ରେନ୍ ୱେଭ ଇନ୍ସଟ୍ୟୁଟ୍ ତରଫରୁ ଚଳିତବର୍ଷ ସି.ବି.ଏସ୍.ଇ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ହଷ୍ଟେଲର ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ମୁଖ୍ୟ ପରିଚାଳକ ଆଶିଷ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦିବାକର ମାଝି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ଦେହୁରୀ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କଠୋର ନିଷ୍ଠା, ସାଧନା ଓ ଅଧ୍ୟବସାୟ ସଫଳତା ଆଣିଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସି.ବି.ଏସ୍.ଇ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଓଡିଶା ଆଦର୍ଶ ବିଦ୍ୟାଳୟ, ରଣିଆକଟାର ଛାତ୍ରଛାତ୍ରୀ ସିମରନ୍ ପ୍ରଧାନ, ବିଶ୍ୱଜିତ୍ ପ୍ରଧାନ, ଚିରଞ୍ଜିବୀ ପ୍ରଧାନ ଓ ଚନ୍ଦନ ପ୍ରଧାନଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ବ୍ରେନ୍ ୱେଭ ଇନ୍ସଟ୍ୟୁଟ୍ ହଷ୍ଟେଲ ଅନ୍ତେବାସୀଙ୍କ ଏହି ସଫଳତା ପାଇଁ ଶିକ୍ଷକ ଅଶୋକ କୁମାର ସାହୁ, ଐଶ୍ୱର୍ଯ୍ୟା ମିଶ୍ର, ରୁଦ୍ରନାରାୟଣ ସାହୁ, ବୈନତେୟ ସାହୁ, ବିଶ୍ୱରଞ୍ଜନ ପ୍ରଧାନ ସଫି ପ୍ରଧାନ ସୁଧାଂଶୁ ରାଉଳ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ଛାତ୍ରୀ ଅଭିପ୍ସା ସାଇ କ୍ରୀଷ୍ଟା ପ୍ରଧାନ, ଶ୍ୱେତାଶ୍ରୀ ପ୍ରଧାନ ଓ ଚିନ୍ମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଶେଷରେ ଶିକ୍ଷକ ସତ୍ୟଜିତ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କଂଗ୍ରେସ ପ୍ରାର୍ଥୀ ଅମ୍ବିକା ଭଟ୍ଟଙ୍କ ପ୍ରଚାର

**ଅନୁଗୋଳ, ୧୯ ।୫(ସମିସ):** ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଅମ୍ବିକା ପ୍ରସାଦ ଭଟ୍ଟ ଆଜି ପୂର୍ବାହ୍ନରେ ସ୍ଥାନୀୟ ବେଡ଼ା ଛକଠାରୁ ଏକ ବାଇକ୍ ରାଲିରେ ବାହାରି ବନ୍ତଲା ଛକଦେଇ ଧୁକୁଟା, ପୁକତୁଙ୍ଗା, ଶଙ୍ଖପୁର, ଖାଲଗାଁ, ଖୃଣ୍ଡା, ବଣାବିରା, ମହିଧରପଡ଼ା, ଜାମୁଣ୍ଡା, ସାନକନ୍ତକୁଳ, ବଡ଼କନ୍ତକୁଳ ଅଞ୍ଚଳରେ ନିଜର ନିର୍ବାଚନ ପ୍ରଚାର କରିଛନ୍ତି । ଆଜିର ବାଇକ୍ ରାଲିରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ବାଇକ ରାଲିରେ ଯାଇଥିବା ବେଳେ ଛକ ମାନଙ୍କରେ ପ୍ରାର୍ଥୀ ଶ୍ରୀ ଭଟ୍ଟ କଂଗ୍ରେସ ଘୋଷଣା କରିଥିବା ନଅଟି ନ୍ୟାୟ ଓ ପ୍ରଦେଶ କଂଗ୍ରେସ ପାଞ୍ଚ ଗ୍ୟାରେଣ୍ଟି ଉପରେ ଲୋକଙ୍କୁ ଅବଗତ କରାଇଥିଲେ । ରାଲିରେ ପୂର୍ବତନ ଜିଲ୍ଲା ସଭାପତି ସଂଗ୍ରାମ ମିଶ୍ର, ଜିଲ୍ଲା କଂଗ୍ରେସ ଉପସଭାପତି ଚିତ୍ତରଞ୍ଜନ ନାଏକ, ପ୍ରଦେଶ ସୋନିଆ ବ୍ରିଗେଡ ଅଧ୍ୟକ୍ଷ ପ୍ରମୋଦ ସାହୁ, ଜିଲ୍ଲା ମିଡିଆ ସେଲର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ରାକେଶ ମିଶ୍ର, ସାହିଲ ପ୍ରଧାନ ପ୍ରମୁଖ ବିଭିନ୍ନ ପଞ୍ଚାୟତର କଂଗ୍ରେସ କର୍ମୀମାନେ ଉକ୍ତ ରାଲିରେ ଯୋଗ ଦେଇଥିଲେ ।

## ବଦଳିଲେ ସଦର ଜିପିଡିଓ

**ଢେଙ୍କାନାଳ, ୧୯।୪(ସମିସ) :** ଢେଙ୍କାନାଳ ସଦର ବ୍ଲକ ଜିପିଡିସଙ୍କୁ ତୁରନ୍ତ ବଦଳି କରାଯାଇଥିବା ଜଣାପଡ଼ିଛି । ଢେଙ୍କାନାଳ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ପତ୍ର ସଂଖ୍ୟା ୨୬୧/୧୬.୫.୨୦୨୪ ଅନୁସାରେ ପ୍ରଶାସନିକ ଦୃଷ୍ଟିକୋଣରୁ ସଦର ବ୍ଲକରେ କାର୍ଯ୍ୟରତ ଜିପିଡିଓ ଅନିତା ଦାସଙ୍କୁ ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟକୁ ବଦଳି କରାଯାଇଛି ।

## ଶନିଶ୍ଚରଙ୍କ ବାର୍ଷିକ ପୂଜା ପାଳିତ



**ବଇଣ୍ଡା,୧୯।୫(ସମିସ):** କିଶୋରନଗରବ୍ଲକଗାଁବଇଣ୍ଡାର ମଦନପଡ଼ା ସାହିରେ ଥିବା ଶନିଶ୍ଚର ମନ୍ଦିର ନିକଟରେ ପ୍ରଭୁ ଶନିଶ୍ଚରଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି । ପ୍ରଥମେ କଳସରେ ପାଣି ଆଣିବା ପରେ ପ୍ରଭୁଙ୍କୁ ଯଥା ରୀତି ନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା । ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ବହୁ ମାନସିକ ଧାରୀ ମହିଳା ଓ ପୁରୁଷମାନେ ଯୋଗଦେଇ ପୂଜା କରିଥିଲେ । ମନ୍ଦିର ପୂଜକ ତ୍ରିନାଥ ମହାପାତ୍ର, ଦୀପକ ମହାପାତ୍ର, ପପୁ ନନ୍ଦ ପୂଜା କରିଥିବା ବେଳେ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।

### ତାଳଚେର ତହସିଲ କାର୍ଯ୍ୟାଳୟ

# ମିଳୁନି ସେବା; ଅଞ୍ଚଳବାସୀ ଦୌଡ଼ି ଦୌଡ଼ି ନୟାନ୍ତ

ତାଳଚେର ସଦର ୧୯।୫(ସମିସ): ଖଣିଖଦାନ ଭରା ତାଳଚେର ଭଳି ଏକ ଶିଳ୍ପାଞ୍ଚଳରୁ ତାଳଚେର ତହସିଲ କୋଟି କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିବା ବେଳେ ଏଠିକାର ଅଞ୍ଚଳବାସୀ ବିଭିନ୍ନ କାର୍ଯ୍ୟରେ ଦୌଡ଼ି ଦୌଡ଼ି ନୟାନ୍ତ ହୋଇପଡୁଥିଲେ ମଧ୍ୟ ସେମାନେ ନିଜର ହକରୁ ବଞ୍ଚିତ ହେଉଛନ୍ତି । ଏହି ତହସିଲ କାର୍ଯ୍ୟାଳୟକୁ ଦୈନନ୍ଦିନ ପଟ୍ଟା, ରେସିଡ଼େନ୍ସ, ଇନକମ, କାଷ୍ଟ, ଲିଗାଲ ହେୟାର୍ ସାର୍ଟିଫିକେଟ ସହ ଜମି ଚିହ୍ନଟ ପ୍ରକ୍ରିୟା ଲାଗି ବହୁ ଲୋକ ଆସୁଥିବା ବେଳେ କାର୍ଯ୍ୟାଳୟର ମନମୁଖି ଶାସନ ଯୋଗୁଁ ଅଞ୍ଚଳବାସୀ ଅତିଷ୍ଠ ହେଉଛନ୍ତି । ଏହି କାର୍ଯ୍ୟାଳୟରେ ମୋଟା ଅଙ୍କ ଖର୍ଚ୍ଚ ନକଲେ କୌଣସି କାର୍ଯ୍ୟ ହୋଇ ନଥାଏ ବୋଲି ଅଭିଯୋଗ ହୋଇଥାଏ । ଏପରିକି, ଉପରୋକ୍ତ ସାର୍ଟିଫିକେଟ୍ ପାଇଁ ତହସିଲ କାର୍ଯ୍ୟାଳୟରେ ଅଢ଼େଇ ହଜାରରୁ ତିନି ହଜାର ଖର୍ଚ୍ଚ ହୋଇଥାଏ ବୋଲି ଗ୍ରାହକଙ୍କୁ କହିବା ସହିତ ସେମାନଙ୍କଠାରୁ ଏହି ଅର୍ଥ ଦାବି କରାଯାଉଛି । ଖଣି ଖାଦାନ ପାଇଁ ଜମିବାଡ଼ି ହରାଉଥିବା କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ତାଲିକା ସହ ଜମି ଚିହ୍ନଟ ପ୍ରକିୟାରେ କାର୍ଯ୍ୟାଳୟ ପକ୍ଷରୁ ଅହେତୁକ ବିଳମ୍ବ କରାଯାଉଛି । ସେହି ଅନୁପାତରେ ଏମସିଏଲ ପକ୍ଷରୁ ଜମି ଅଧିଗ୍ରହଣ ବିଳମ୍ବ ହେଉଥିବା କୁହାଯାଉଛି । ଠିକ୍ ସେହିଭଳି ୧୪୯ନମ୍ବର ଜାତୀୟ ରାଜପଥରେ ନିର୍ମାଣ ହେବାକୁଥିବା ୪ଥାକିଆ ରାସ୍ତାରେ ଅଞ୍ଚଳବାସୀଙ୍କ ନାମ ଏବଂ ଜମି ତାଲିକା କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତିରେ ବିଳମ୍ବ ହେଉଥିବାରୁ ଏହି କାର୍ଯ୍ୟ ଆଗେଇ ପାରୁ ନାହିଁ । ତାଳଚେର ତହସିଲ କାର୍ଯ୍ୟାଳୟ ଚାଲିଛି କାହା ଇଙ୍ଗିତରେ ତାକୁ ନେଇ ଉଠିଛି ପ୍ରଶ୍ନ । ଏ ସମ୍ପର୍କରେ ତହସିଲଦାରଙ୍କୁ ଯୋଗାଯୋଗ କଲେ ସେ ସମସ୍ତ ଘଟଣାକୁ ଏଡ଼ାଇ ଦେଇଥାନ୍ତି । ତେଣୁ ଏଥିନେଇ ଜିଲ୍ଲାପାଳ ଓ ତାଳଚେର ଉପଜିଲ୍ଲାପାଳ ଉଭୟ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

### ■ ବିଜେପି ବିଧାୟକ ପ୍ରାର୍ଥୀଙ୍କ ଦବଙ୍ଗଗିରି

# ଖୋଲା ମଞ୍ଚରେ ଘରେ ପଶି ପିଟିବାକୁ ଦେଲେ ଧମକ

**ପାଲଲହଡ଼ା, ୧୯ ।୫(ସମିସ):** ପାଲଲହଡ଼ା ବିଧାନସଭା ଆସନର ବିଜେପି ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତିଙ୍କ ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଶ୍ରୀ ମହାନ୍ତି ଏକ ରାଜନୈତିକ ସଭାରେ ଖୁଲମ ଖୁଲ୍ଲା ଲୋକଙ୍କୁ ଘରେ ପଶି ବାଡ଼େଇବା ସହ ଗୋଡ଼ ହାତ ଭାଙ୍ଗିବା ପରି ଆପତ୍ତିଜନକ ମନ୍ତବ୍ୟ ଦେଉଥିବା ଦେଖିବାକୁ ମିଳିଛି । ଭିଡିଓଟି ନିର୍ବାଚନ ମଣ୍ଡଳୀର କଣିହାଁ ବ୍ଲକ କାକୁଡ଼ିଆ ପଞ୍ଚାୟତ କାକୁଡ଼ିଆ ଆମ୍ବ ତୋଟାରେ ଅୟୋଜିତ ହୋଇଥିବା ଏକ ନିର୍ବାଚନି ସଭାର ବୋଲି ଜଣାପଡିଛି । ସୂଚନା ଅନୁସାରେ ଗତ ବୁଧବାର କାକୁଡ଼ିଆ ପଞ୍ଚାୟତଠାରେ ବିଜେପି ପକ୍ଷରୁ ବିଜୟ ସଂକଳ୍ପ ସମାବେଶ ଆୟୋଜିତ ହୋଇଥିଲା । ଏଥିରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଅଭିଭାଷଣ ରଖିଥିଲେ । ବିଜେପି ପାଲଲହଡ଼ା ସୋସିଆଲ ମିଡିଆ ଟିମ୍ ପକ୍ଷରୁ ଫେସବୁକରେ ଏହାର ସିଧାପ୍ରସାରଣ କରାଯାଇଥିଲା । ଶ୍ରୀଯୁକ୍ତ ମହାନ୍ତି ନିଜ ଭାଷଣରେ କାକୁଡ଼ିଆ ପଞ୍ଚାୟତରେ କାହାର ଦାଦାଗିରି ଚାଲିବ ନାହିଁ ଏବଂ ଯଦି କେହି ଦାଦାଗିରି କରେ, ତାହେଲେ ତା ଘରେ ପଶି ପିଟିବା ସହିତ ଗୋଡ଼ ହାତ ଭାଙ୍ଗିଦେବି ବୋଲି ଧମକ ଦେଇଥିଲେ । ଏହି ଭିଡିଓ ଏବେ ସାମଜିକ ଗଣମାଧ୍ୟମ ଜରିଆରେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି । ଶ୍ରୀଯୁକ୍ତ ମହାନ୍ତିଙ୍କ ଏତାଦୃଶ କାର୍ଯ୍ୟକଳାପକୁ ଅଞ୍ଚଳର ଲୋକମାନେ ଘୋର ନିନ୍ଦା କରିଛନ୍ତି । କାକୁଡ଼ିଆ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ଆଗାମୀ ନିର୍ବାଚନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ସେହିପରି ଏହି ଭିଡିଓରେ ମହାନ୍ତିଙ୍କ ମନ୍ତବ୍ୟକୁ ନେଇ ବିରୋଧୀ ବିଜେଡି ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିଥିବା ଜଣାପଡିଛି ।

## ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ନିର୍ବାଚନୀ ବୈଠକ

ଅନୁଗୋଳ, ୧୯ ।୫(ସମିସ): ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ପକ୍ଷରୁ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଭରତ କୁମାର ନାଏକ ଏବଂ ସମ୍ବଲପୁର ସାଂସଦ ପ୍ରାର୍ଥୀ ନବକିଶୋର ପ୍ରଧାନଙ୍କ ସମର୍ଥନରେ ଦୁର୍ଗାପୁରଠାରେ ନେତା ମାନସ ପାଳଙ୍କ ପରିଚାଳନାରେ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରର ବିଜେପି ସରକାର ଶସ୍ତା କଥା କହି ଭୋଟ୍ ହାତେଇବାକୁ ଯେନତେନ ପ୍ରକାରେ ଆପ୍ରାଣ ଚେଷ୍ଟା କରିଚାଲିଛନ୍ତି । କ୍ଷମତାସୀନ ହେବାପରେ ଦେଶର ପୁଞ୍ଜିପତିଙ୍କ ସ୍ୱାର୍ଥରେ ସବୁକିଛିକୁ ଟେକି ଦେବାପାଇଁ ଆଇନ୍ କାନୁନ୍ କରିବେ । ଗରିବ ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ଆହୁରି ତଳି ତଳାନ୍ତ ହେବ । ଦରବୃଦ୍ଧି, ବେକାରୀ ଓ ନିଶା ଜ୍ୱାଳାରେ ଜନଗଣ ତ୍ରାହି ତ୍ରାହି ଡାକ ଛାଡିବେ । ଏଣୁ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)କୁ ମଜଭୂତ କରିବା ସହ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଗ୍ଲାସ୍ ଚିହ୍ନରେ ଭୋଟ୍ ଦେବାକୁ ବୈଠକରେ ଉପସ୍ଥିତ ଥିବା ସଂଗଠନର ଜିଲ୍ଲା ସମ୍ପାଦକ ଭିକାରୀ ପ୍ରଧାନ କର୍ମୀ ସଂଗଠକମାନଙ୍କୁ ଆହ୍ୱାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ରଣଜିତ୍ ପ୍ରଧାନ, ବରିଷ୍ଠ ସଂଗଠକ ଦୟାନିଧି ସାହୁ, ଚନ୍ଦନ ସାହୁ, ରବୀନ୍ଦ୍ର ସାହୁ, ଲମ୍ବୋଦର ପଣ୍ଡା, ସୁମନ୍ତ ସାହୁ, ଚରଣ ବେହେରା, ବିକ୍ରମ ସାହୁ, ପ୍ରତିମା ବେହେରା, ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ମୋଟର ସାଇକଲରୁ ପଡ଼ି ଜଣେ ମୃତ; ଜଣେ ଗୁରୁତର

**ଛେଣ୍ଡିପଦା,୧୯।୫(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ କୋଶଳା-କୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତାର କୋଶଳା ଜଙ୍ଗଲ ନିକଟ ପଥରନାଳ ଠାକୁରାଣୀଙ୍କ ପୀଠସ୍ଥଳ ଛକ ପାଖରେ ଥିବା ବୁଲାଣିରେ ଶନିବାର ବିଳମ୍ବିତ ରାତ୍ରୀରେ ଗୋଟିଏ ଗ୍ରାମର ୨ଜଣ ଯୁବକ ଭାରସାମ୍ୟ ହରାଇ ଏକ ମୋଟରସାଇକଲ ରାସ୍ତା ପାର୍ଶ୍ୱ ଖାଲରେ ପଡ଼ି ଗଛରେ ବାଡେଇ ହେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତର କରାଯାଇଛି । ମୃତ ଯୁବକ ଜଣକ ହେଲେ ଉକ୍ତ ଥାନାର କୋଶଳା ଗ୍ରାମପଞ୍ଚାୟତର କୁରୁମିଡ଼ିପ ସାହିର ସମିର କୁମାର ସାହୁ(୨୬) ଓ ଗୁରୁତର ଯୁବକ ହେଲେ ଉକ୍ତସାହିର ସମୀର ପ୍ରଧାନ(୨୬) । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୁଲିସଙ୍କୁ ଜଣାଇବା ପରେ ପୁଲିସ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ ଛେଣ୍ଡିପଦା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଛି । ପରେ ପୁଲିସ ଦୁର୍ଘଟଣାଗ୍ରସ୍ତ ମଟରସାଇକଲକୁ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି ।

# ଦଧିବାମନ ମଠରେ ଐତିହ୍ୟ ପଦଯାତ୍ରା

**ଢେଙ୍କାନାଳ, ୧୯ ।୫ (ସମିସ) :** ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ତ୍ରୟୋଦଶ ସଂସ୍କରଣ ସହରର ରଥଗଡ଼ା ଠାରେ ଥିବା ଶ୍ରୀ ଦଧିବାମନ ଜୀଉ ମଠ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସକାଳ ୮ ଘଟିକା ସମୟରେ ପଦଯାତ୍ରୀ ମାନେ ସେଠାରେ ପହଞ୍ଚିବା ପରେ ମନ୍ଦିରର ପୂଜକମାନେ ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ପୁରାଣ ଗବେଷକ ଆର୍ଯ୍ୟରତ୍ନ ଚକ୍ରଧର ଅଷ୍ଟାଦଶ ଶତାବ୍ଦୀର ଏହି ଗୌଡୀୟ ବୈଷ୍ଣବ ପରମ୍ପରାର ମଠର ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଆଜିକୁ ୧୧୫ ବର୍ଷ ପୂର୍ବରୁ ଢେଙ୍କାନାଳ ଗଡ଼ରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହେଉଥିଲା । ସେଥିରେ




ମଠରେ ପୂଜିତ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ରଥାରୂଢ଼ ହୋଇ ଘୋଡ଼ାଡିଆଁ ପାଟଣା ବା ବର୍ତ୍ତମାନର ମୀନା ବଜାରସ୍ଥିତ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରୁଥିଲେ । ଏହି ଚତୁର୍ଦ୍ଧାମୂର୍ତ୍ତି ୧୯୦୯ ମସିହା ଠାରୁ ଆଉ ରଥ ଯାତ୍ରାରେ ସାମିଲ୍ ହେଉ ନଥିଲେ ମଧ୍ୟ ଜଗନ୍ନାଥଙ୍କ ଅନ୍ୟ ପର୍ବପର୍ବାଣି ଗୁଡିକ ଏଠାରେ ଅତ୍ୟନ୍ତ ଭକ୍ତିର ସହକାରେ ପାଳନ କରାଯାଏ । ପ୍ରାୟ ୫୦ ଫୁଟ ଉଚ୍ଚ କଳିଙ୍ଗ ଶିଳ୍ପ କଳାର ଏହି ପୀଢ଼ ଦେଉଳଟି ଖାକରା ଶୈଳୀରେ ନିର୍ମିତ । ମୁଖଶାଳାରେ ଗରୁଡ଼ ସ୍ତମ୍ଭ ଓ ଗର୍ଭଗୃହରେ ରତ୍ନସିଂହାସନ ଉପରେ ଶ୍ରୀଜୀଉ ମାନଙ୍କର ଦିବ୍ୟ ପ୍ରତିମା ଅତ୍ୟନ୍ତ ଆକର୍ଷଣୀୟ । ମଠ ପରିସରରେ ସ୍ନାନ ମଣ୍ଡପ ଓ ମଠର ପୂର୍ବତନ ମହନ୍ତ ମାନଙ୍କର ସମାଧି ଓ ଭାଗବତ ମଣ୍ଡପ ରହିଛି ଏବଂ ଏଠାରେ ବ୍ୟବସାୟିକ ଭିତିରେ ଅନ୍ନ ମହାପ୍ରସାଦ ମିଳୁଥିବା ଯୋଗୁ ବର୍ଷ ତମାମ ଏଠାରେ ଭକ୍ତ ସମାଗମ ଦେଖିବାକୁ ମିଳେ । ଦେବୋତର ବିଭାଗ ଦ୍ୱାରା ପରିଚାଳିତ ଏହି ମଠଟି ଢେଙ୍କାନାଳ ସାଂସ୍କୃତିକ ଧାରାର ଏକ ଅନନ୍ୟ ପ୍ରତୀକ ଭାବରେ ଶତାଧିକ ବର୍ଷ ଧରି ତାର ଗୌରବ ବଜାୟ ରଖିଥିଲେବି ଏହାର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଯେତିକି ଗୁରୁତ୍ୱ ଦେବାକଥା ତାହାର ଅଭାବ ଥିବା ପଦଯାତ୍ରୀ ମାନେ ଅନୁଭବ କରିଥିଲେ । ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ଆଇ.ଆଇ.ଏମ୍.ସି ର ନିର୍ଦ୍ଦେଶକ ଡଃ ମୃଣାଳ ଚାଟାର୍ଜୀ, ଆକାଶବାଣୀ ଯୋରନ୍ଦାର ପ୍ରସାରଣ ନିଷ୍ପାଦକ ରାଜୀବ କୁମାର ମାହୁନ୍ତ, ଶିକ୍ଷାବିତ ବିପିନ ବିହାରୀ ପାଣି, ଅଧ୍ୟାପକ ଶାନ୍ତନୁ କୁମାର ନାଏକ, ରମେଶ ଚନ୍ଦ୍ର ପତି, ଲକ୍ଷ୍ମୀ ନାରାୟଣ ତ୍ରିପାଠୀ, ପ୍ରଶାନ୍ତ ତ୍ରିପାଠୀ, ସ୍ୱର୍ଣ୍ଣ ପ୍ରଭା ସେଠୀ, ନାରାୟଣ ପଟ୍ଟନାୟକ, ଜନ୍ମେଜୟ ରାଉତ, ଶିକ୍ଷୟିତ୍ରୀ ସୁନୀତା ମହାପାତ୍ର ଓ ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଚନ୍ଦନ ପ୍ରଧାନ, ଜ୍ୟୋତିର୍ମୟୀ ସେଠୀ, ଦିବ୍ୟ ରଞ୍ଜନ ସାହୁ, ପୀୟୁଷ ଅଗ୍ରୱାଲ, ନିଖିଳେଶ ପାଢ଼ୀ, ବିକାଶ ପ୍ରଧାନ ପ୍ରମୁଖ ଐତିହ୍ୟ ପ୍ରେମୀ ଛାତ୍ର ଛାତ୍ରୀମାନେ ଏହି ଐତିହ୍ୟ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ ।

## ଏକାଦଶ ମହିମା ଜ୍ୟୋତିଯାତ୍ରା ପାଇଁ ଗତିପଥ ଚୂଡ଼ାନ୍ତ

**ଢେଙ୍କାନାଳ ୧୯ ।୫ (ସମିସ):** ମହିମା ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ପକ୍ଷରୁ ଚଳିତ ବର୍ଷର ଏକାଦଶତମ ମହିମାଜ୍ୟୋତି ଯାତ୍ରା ଜୁନ୍ ୨୨ ତାରିଖ ଓ ୨୩ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବା ଚୂଡ଼ାନ୍ତ କରାଯାଇଛି । ଜ୍ୟୋତିଯାତ୍ରାର ଗତିପଥରେ ୨୧ ତାରିଖ ସଂଧ୍ୟା ପରେ ତପୋବନ ପୀଠର ଅଖଣ୍ଡ ଜ୍ୟୋତି ମନ୍ଦିରରୁ ଜ୍ୟୋତି ଜାଗ୍ରତ କରାଯାଇ ଏହି ବ୍ରହ୍ମଜ୍ୟୋତିଙ୍କୁ ଏକ ସୁସଜ୍ଜିତ ବିମାନରେ ଯୋରନ୍ଦା ମହିମା ଗାଦିପୀଠକୁ ଅଣାଯିବ । ସେଠାରେ ଜ୍ୟୋତିଙ୍କ ସହ ସହଯାତ୍ରୀଗଣ ରାତ୍ରି ବିଶ୍ରାମ ନେବେ । ୨୨ତାରିଖ ଶନିବାର ସକାଳ ୮ଟା ସୁଦ୍ଧା ଜ୍ୟୋତି ଯୋରନ୍ଦାରୁ ବେଲଟିକିରି ଆସି ସେଠାର ଷ୍ଟେଟ୍ ବ୍ୟାଙ୍କ ଛକରୁ ଦାମୋଦରନାଳୀକୁ ଆସି ସମ୍ବର୍ଦ୍ଧିତ ହେବା ସହ ଶୋଭାଯାତ୍ରାରେ ଗ୍ରାମର ବିଭିନ୍ନ ସାହିବସ୍ତି ପରିକ୍ରମା ସାରିବେ । ଏହାପରେ ଧର୍ମସଭାର ଆୟୋଜନ କରାଯାଇ ଶେଷରେ ସହଯାତ୍ରୀଙ୍କୁ ଗୋଷ୍ଠୀ ଭିକ୍ଷା ପ୍ରଦାନ କରାଯିବ । ଏହାପରେ ଜ୍ୟୋତି ଚାଉଳିଆ ଖମାର ଛକ ଦେଇ ଢେଙ୍କାନାଳ ଅଭିମୁଖେ ଯାତ୍ରା କରିବେ । ଢେଙ୍କାନାଳର ବାଜିଚୌକ ଛକରୁ କୋରିଆଁ ଛକ ହୋଇ ମୁଖ୍ୟ ରାସ୍ତାରେ ଅନୁଗୁଳ ବଅଁରପାଳ ବ୍ଲକ ଅନ୍ତର୍ଗତ ବନ୍ଧା ଗ୍ରାମରେ ପହଁଚିବେ । ବନ୍ଧା ଗ୍ରାମର ବିଭିନ୍ନ ସାହି ବସ୍ତି ପରିକ୍ରମା ସାରି ସାଧୁସନ୍ଥ ଓ ସହଯାତ୍ରୀବୃନ୍ଦ ଆୟୋଜିତ ଧର୍ମସଭାରେ ଯୋଗଦେବେ ଓ ସାଙ୍ଗକାଳୀନ ଭିକ୍ଷା ଗ୍ରହଣ କରିବେ । ଏହାପରେ ବ୍ରହ୍ମଜ୍ୟୋତି ଅନୁଗୁଳ ସହର ପୌରସଂସ୍ଥା ଛକରୁ ନତଡା ଗ୍ରାମ ଦେଇ ମହିତଳା ଛକରୁ ଅନୁଗୁଳ-ଛେଣ୍ଡିପଦା ମୁଖ୍ୟ ରାସ୍ତାରେ ନିଶା, ରାଇଧରଣ, ଗୋଳାଗାଡିଆ ଓ ଶିମିଳି ସାହି ହୋଇ କୋଶଳାରେ ପହଁଚିବ । ସଂଧ୍ୟା ସମୟରେ ବ୍ରହ୍ମଜ୍ୟୋତି କୋଶଳା ଗ୍ରାମରେ ପହଁଯିବା ପରେ କୋଶଳାର ବିଭିନ୍ନ ସାହିବସ୍ତି ରାତି ୧୧ଟା ଯାଏଁ ପରିକ୍ରମା କରି କୋଶଳା ରାମଚଣ୍ଡୀ ଭବନରେ ସହଯାତ୍ରୀଗଣ ବିଶ୍ରାମ ନେବେ । ୨୩ ତାରିଖ ରବିବାର ସକାଳେ କୋଶଳାରେ ବାକି ରହିଥିବା ସାହି ପରିକ୍ରମା ସାରି ଗୋଷ୍ଠୀ ଭିକ୍ଷା ଗ୍ରହଣ କରିବେ । ଭିକ୍ଷା ଉପରାନ୍ତ ମହିମା ବ୍ରହ୍ମଜ୍ୟୋତି ପ୍ରଥମେ କୋଶଳା ନିକଟସ୍ଥ ବାଗଲକଟା ପରେ ବ୍ରାହ୍ମଣବିଲି, କଶିଡିହ, ବାଲିପଟା, ହଟିଆନାଳୀ, କିସିନ୍ଦା, ଗୋଳାସର, ଦୂର୍ଗାପୁର, ନାଉପଦା ଓ ବକଲା ଗ୍ରାମ ହୋଇ ପିତାଚରି ଗ୍ରାମରେ ପହଁଚିବେ । ସେଠାରେ ସାଙ୍ଗକାଳୀନ ଗୋଷ୍ଠୀ ଭିକ୍ଷା ଗ୍ରହଣ କରି ଶେଷରେ ଜରପଡ଼ା ଠାରେ ୫୫ନଂ ଜାତୀୟ ରାଜପଥରେ ବାହାରି ଢେଙ୍କାନାଳ ପ୍ରତ୍ୟାବର୍ତ୍ତନ କରିବେ । ଜ୍ୟୋତିଯାତ୍ରା ପରିଚାଳନା ପରିଷଦ ପକ୍ଷରୁ ଶ୍ରୀମଦ୍ ରଘୁନାଥ ବାବା, ସୁଶାନ୍ତ ବାବା, କରୁଣାକର ବାବା, ଜ୍ଞାନୀ ବାବା, ସନକ ବାବା, ସଂଯୋଜକ ପ୍ରଦ୍ୟୁମ୍ନ ରଥ ଓ ଆବାହକ ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ଚୂଡାନ୍ତ ବୋଲି ଜଣାଇଛନ୍ତି ।

# ବାଗଡ଼ିଆରେ ବିଜେଡିର ମହିଳା ସମାବେଶ

ଛେଣ୍ଡିପଦା,୧୯।୫(ସମିସ)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ବାଗଡ଼ିଆ ଠାରେ ରବିବାର ବିଜେଡି ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଛେଣ୍ଡିପଦା ଓ କୋଶଳା ଠାରେ ଶକ୍ତି ପ୍ରଦର୍ଶନ କରାଯାଇଥିବା ବେଳେ ରବିବାର ବାଗଡ଼ିଆ ଗ୍ରାମ ପଞ୍ଚାୟତରେ ମହିଳାମାନଙ୍କୁ ନେଇ ବାଗଡ଼ିଆ ପଞ୍ଚାୟତର ମହିଳାକର୍ମୀମାନଙ୍କ ନେତୃତ୍ୱରେ ଏକ ମହିଳା ସମାବେଶ ଆୟୋଜନ କରାଯାଇଥିଲା । ଏହି ସମାବେଶରେ ଛେଣ୍ଡିପଦା ବିଧାୟକ ପାର୍ଥୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତୀକରଣ ପାଇଁ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ତଥା ସର୍ବାଙ୍ଗୀନ ବିକାଶ ପାଇଁ ଉଦ୍ୟମ କରୁଥିବା କହିଥିଲେ । ମହିଳା ମାନଙ୍କର



ସାମାଜିକ, ଅର୍ଥନୈତିକ ବିକାଶ ପାଇଁ ବିଜେଡି ସରକାର ସଂକଳ୍ପବଦ୍ଧ । ଅଞ୍ଚଳର ବିକାଶ ପାଇଁ ଚଳିତ ନିର୍ବାଚନରେ ଯୋଡ଼ିଶଙ୍ଖରେ ବିପୁଳ ମାତ୍ରା ଭୋଟ ଦେଇ ବିଜୁ ଜନତା ଦଳର ହାତ ମୁଠାକୁ ମଜଭୁତ କରିବା ପାଇଁ ନିବେଦନ କରିଥିଲେ । ଏହି ସମାବେଶରେ ବାଗଡ଼ିଆ ସରପଞ୍ଚ ପୁଷ୍ପଲତା ବେହେରା, ଜଳିବାଳା ବେହେରା, ଗୀତାଞ୍ଜଳି ବେହେରା, ସୌଦାମିନୀ ବେହେରା, ସୀତା ବେହେରାଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ ।

## ଭୂତମୁଣ୍ଡାଇରେ ବିଜୁ ଜନତା ଦଳର କାର୍ଯ୍ୟାଳୟ ଉଦ୍‌ଘାଟିତ

# ବିଶାଳ ବିଜୟ ଲକ୍ଷ୍ୟରେ ବିଜେଡି

ପାରାଦୀପ, ୧୯।୫ (ସମିସ)




ପାରାଦୀପ ବିଧାନସଭା କ୍ଷେତ୍ରରେ ଭୂତମୁଣ୍ଡାଇଠାରେ ଆଜି ବିଜୁ ଜନତା ଦଳ ପକ୍ଷରୁ ଏକ ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟକ ଭାବେ ରାଜ୍ୟ ବିଜୁ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାପତି ମୋନିଦୀପା ସର୍ଖେଲ ଯୋଗ ଦେଇଥିଲେ । ତାଙ୍କ ସହିତ ବିଶିଷ୍ଟ ଶ୍ରମିକ ନେତା ବାପି ସର୍ଖେଲ ମଧ ଉପସ୍ଥିତ ଥିଲେ । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଭୂତମୁଣ୍ଡାଇ ଗ୍ରାମପଞ୍ଚାୟତର ମୁରବୀଙ୍କ ସହିତ ବହୁ ମହିଳା ଉପସ୍ଥିତ ଥିଲେ । ଭୂତମୁଣ୍ଡାଇ ପଞ୍ଚାୟତରେ ଶ୍ରୀ ସର୍ଖେଲଙ୍କ ନେତୃତ୍ୱରେ ଗଠିତ କୋର କମିଟିର ସଭାପତି ରଞ୍ଜନ ସ୍ୱାଇଁ, ସମ୍ପାଦକ ବିଶ୍ୱନାଥ ବେହେରା, ସହସମ୍ପାଦକ ଲକ୍ଷ୍ମୀନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଅଜିତ ଚୌଧୁରୀ, ପଙ୍କଜ ଦାସ, ଉପଦେଷ୍ଟା କର୍ମବୀର ଖଟେଇ ଓ ବିଶ୍ୱନାଥ ସ୍ୱାଇଁ ପ୍ରମୁଖଙ୍କ ସହଯୋଗରେ ଆଜି ପଞ୍ଚାୟତର ବହୁ ମୁରବୀ ଶ୍ରେଣୀୟ ଲୋକ ଉପସ୍ଥିତ ଥିଲେ ।

ପାରାଦୀପ ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ବିଶାଳ ବିଜୟ ଲକ୍ଷ୍ୟରେ ଆଜି ଏଠାରେ ଏକ ନୂତନ ପାର୍ଟି ଅଫିସ ଖୋଲା ଯାଇଥିବା ଶ୍ରୀ ସର୍ଖେଲ କହିଛନ୍ତି । ଏଥିସହିତ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନରେ ରହିଥିବା ୩୬ ପଞ୍ଚାୟତରେ କୌଣସି ଗୋଟିଏରେ ବିଜେପି ଲିଡ୍ କରି ପାରିବ ନାହିଁ, କେବଳ ବିଜେପି ମିଛ ହାଉଆ କରି ଲୋକଙ୍କୁ ବ୍ୟତିବ୍ୟସ୍ତ କରାଉଛି । ଆପଣମାନେ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ସାଂସଦ ଓ ବିଧାୟକ ପ୍ରାର୍ଥିନୀଙ୍କୁ ବିପୁଳ ସଂଖ୍ୟାରେ ଜିତାଇବା ସହ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଶ୍ରୀ ସର୍ଖେଲ ନିବେଦନ କରିଥିଲେ ।

## ତିର୍ତ୍ତୋଲ ବ୍ଲକ ବିଜେଡି କଳାକାର ସଂଘର ବୈଠକ



ତିର୍ତ୍ତୋଲ, ୧୯।୫(ସମିସ): ତିର୍ତ୍ତୋଲ ବ୍ଲକ ବିଜେଡି କଳାକାର ସଂଘର ଏକ ବୈଠକ ଶାରଳାରୋଡସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ସଂଘର ବ୍ଲକ ସଂଯୋଜକ ଶିଶିର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ବିଜେଡି କଳାକାର ସଂଘର ସଂଯୋଜକ ଦେବବ୍ରତ ମହାନ୍ତି ଯୋଗଦେଇ ସାଂସଦ ପ୍ରାର୍ଥିନୀ ଡା. ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଡ. ରମାକାନ୍ତ ଭୋଇ, ପାରାଦୀପ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରିବା ପାଇଁ ପ୍ରତି ପଞ୍ଚାୟତରୁ ଆସିଥିବା ବିଜେଡିର କଳାକାର ସଂଘର ସଂଯୋଜକଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ତିର୍ତ୍ତୋଲ ବ୍ଲକର ୫୦୦ରୁ ଅଧିକ କଳାକାରଙ୍କୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଇଥିବାରୁ କୃତଜ୍ଞତା ପ୍ରଦାନ କରାଯାଇଥିଲା । ଜିଲ୍ଲା ବିଜେଡି କଳାକାର ସଂଘର ନବନିଯୁକ୍ତ ସଂଯୋଜକ ତିର୍ତ୍ତୋଲର ଦେବବ୍ରତ ମହାନ୍ତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଗାୟକ ଦୁଃଖିଶ୍ୟାମ ସ୍ୱାଇଁ, ବୀବବର ତ୍ରିପାଠୀ, ଲୋକନାଥ ଦାସ, ପ୍ରବୋଧ ରଥଶର୍ମା, ପ୍ରଭାତ ରଥ, ମିହିର ନାୟକ, ଅନିତା ଜେନା, ଲକ୍ଷ୍ମୀପ୍ରିୟା ଦାସ, ରାଜକିଶୋର ଦାସ, ଅଶୋକ ମଲ୍ଲିକଙ୍କ ସମେତ ତିର୍ତ୍ତୋଲ ଓ ପାରାଦୀପ ନିର୍ବାଚନ ମଣ୍ଡଳୀ ଅଧୀନ ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତରୁ ଆସିଥିବା କଳାକାର ସଂଘର ସଂଯୋଜକ ଭାବେ ଯୋଗ ଦେଇଥିଲେ ।

## ଅସହାୟ ମହିଳା ଓ ଦୃଷ୍ଟିବାଧିତ ଯୁବକଙ୍କୁ ଆବାସ ଦାବି



ଜଗତସିଂହପୁର, ୧୯।୫ (ସମିସ): ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ସିଂହାରପୁର ଗ୍ରାମର କାଞ୍ଚନ ସିଂଙ୍କ ସନ୍ତାନ ନଥିବାରୁ ଗତ ୩୦ ବର୍ଷ ତଳୁ ଜଣେ ଦୃଷ୍ଟି ବାଧିତଙ୍କୁ ପୁଅ ଭାବରେ ଗ୍ରହଣ କରିବା ସହିତ ନିଜର ଉତ୍ତରାଧିକାରୀ ଘୋଷଣା କରିଛନ୍ତି । ମା ଓ ପୁଅ ଦୁଇଜଣ ଭିକ୍ଷା ବୃତ୍ତି କରି ପେଟ ପୋଷୁଛନ୍ତି । କାଞ୍ଚନଙ୍କର ସ୍ୱଳ୍ପ କିଛି ଯାଗା ରହିଛି । ମାତ୍ର ସରକାରୀ ଆବାସ ଯୋଜନାରେ ସେମାନଙ୍କୁ ଏ ପର୍ଯ୍ୟନ୍ତ ଘର ମିଳି ନ ଥିବାରୁ ମା ଓ ପୁଅ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାଞ୍ଚନଙ୍କ ଉକ୍ତ ଜାଗାକୁ କିଛି ଲୋକ ହଡ଼ପ କରିବାକୁ ଉଦ୍ୟମ କରିବା ସହିତ ମା ଓ ପୁଅକୁ ସେହି ଜାଗାରେ ରଖାଇ ଦେଉନାହାନ୍ତି । ସେହିପରି କାଞ୍ଚନଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିପାରିନାହିଁ । କାଞ୍ଚନଙ୍କୁ ସରକାରୀ ଆବାସ ଓ ସହାୟତା ଯୋଗାଇ ଦେବାକୁ ଆଶୀର୍ବାଦ ସେବା ସଂଗଠନର ସଭାପତି ଜଗନ୍ନାଥ ବେହେରା ଦାବି କରିଛନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶୃଙ୍ଖଳାକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଜଗତସିଂହପୁର, ୧୯।୫(ସମିସ): ସିଆର୍‌ପିସି ୧୧୦ ଧାରାକୁ କଡାକଡି ଭାବେ ପ୍ରତି ତହସିଲ ଅଞ୍ଚଳରେ ଥିବା ଅଭ୍ୟାସ ଗତ ବିଶୃଙ୍ଖଳାକାରୀଙ୍କୁ ପୋଲିସ ରିପୋର୍ଟ ଆଧାରରେ ଚିହ୍ନଟ କରାଯାଇଛି । ସେମାନଙ୍କ ଠାରୁ ୧ ଲକ୍ଷ ଟଙ୍କା ବନ୍ଧକ ରଖିବା ସହିତ ବେଲବଣ୍ଡର ଚୁକ୍ତିନାମା କରାଯାଇଛି । ଜାନୁଆରୀ ୧, ୨୦୨୪ରିଖଠାରୁ ଅଦ୍ୟାବଧି ସମଗ୍ର ଜିଲ୍ଲାରେ ୪୨୬ ଜଣଙ୍କୁ ୧୧୦ ମାମଲାରେ କେସ ରୁଜୁ କରାଯାଇ ଚୁକ୍ତିନାମା ସମ୍ପାଦନ କରାଯାଇଅଛି । ସେମାନଙ୍କ ମଧ୍ୟରୁ କିଛି ଆଇନ ଉଲ୍ଲଘଂନକାରିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଯଥା ସେମାନଙ୍କ ବନ୍ଧକ ଟଙ୍କାକୁ ବ୍ୟାଜାପ୍ତ କରାଯାଇଅଛି । ୩୪ ଜଣ ଆଇନ ଉଲଂଘନକାରିଙ୍କ ଠାରୁ ଜମି ବନ୍ଧକ ସମ୍ପତ୍ତି ବ୍ୟାଜ୍ୟାପ୍ତ କରାଯାଇଅଛି । ତତ୍ ସହିତ ଆରେଷ୍ଟ ୱାରେଣ୍ଟ ମଧ ଜାରି କରାଯାଇଛି । ବିରିଡ଼ି ତହସିଲ ଅଞ୍ଚଳରେ ତହସିଲଦାର ଚରମ ପଦକ୍ଷେପ ସ୍ୱରୂପ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି । ବାଲିକୁଦା ତହସିଲରେ ୮ଟି କେସ ରୁଜୁ କରାଯାଇଅଛି । ସେହି କେସର ଶୁଣାଣି ତା ୨୧-୦୫-୨୪ ରେ ନିର୍ଦ୍ଧାରଣ କରାଯାଇଛି । ନାଉଗାଁ ତହସିଲ ରେ ୪ଟି କେସ, ରଘନାଥପୁର ତହସିଲରେ ୧ଟି, କୁଜଙ୍ଗ ରେ ୬ଟି କେସ, ଏରସମା ତହସିଲରେ ୫ଟି, ତିର୍ତ୍ତୋଲ ରେ ୧ଟି କେସ ଏବଂ ଉପଜିଲ୍ଲାପାଳଙ୍କ ପକ୍ଷରୁ ୭ଟି କେସ ରୁଜୁ କରାଯାଇଅଛି ବୋଲି ଉପଜିଲ୍ଲାପାଳ ଶ୍ରୀ ପ୍ରଦୀପ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି ।

## ତୁଳସୀ ଗାଦିବ୍ରହ୍ମଙ୍କ ମହାଯଜ୍ଞ

ଜଗତସିଂହପୁର, ୧୯।୫(ସମିସ): ଜଗତସିଂହପୁର ବ୍ଲକ ଅନ୍ତର୍ଗତ କାଦୁଅପଡ଼ା ପଞ୍ଚାୟତର ଆରାଧ ଦେବତା ଶ୍ରୀଶ୍ରୀ ତୁଳସୀ ଗାଦିବ୍ରହ୍ମଙ୍କ ୮୬ତମ ବିଶ୍ୱଶାନ୍ତି ମହାଯଜ୍ଞ ୧୯ ତାରିଖରୁ ଆରମ୍ଭ ହୋଇଛି । ସାରା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ଏହି ଯଜ୍ଞ ପାଇଁ ୧୯ ତାରିଖରେ କାୟଶୋଧନ ଓ ଯଜ୍ଞାଧିବାସ କରାଯାଇଥିବାବେଳେ ୨୦ ତାରିଖରେ ଜଳଯାତ୍ରା, ମଣ୍ଡପ ଶୋଧନ, ଘଟ ସ୍ଥାପନ, ସୂର୍ଯ୍ୟ ପୂଜା କରାଯିବ । ସେହିପରି ୨୧ ତାରିଖରେ ସୂର୍ଯ୍ୟପୂଜା ସହିତ ସମସ୍ତ ପାଶ୍ୱ୍? ଦେବତାଙ୍କର ପୂଜା ଓ ହୋମ କରାଯିବ । ୨୨ ତାରିଖରେ ନୃସିଂହନାଥ ପୂଜନ ଓ ବ୍ରତ ପାଳନ କରାଯିବ । ୨୩ ତାରିଖରେ ଚନ୍ଦନ ପୂର୍ଣ୍ଣିମା, ସପ୍ତଶତୀ ଚଣ୍ଡୀ ପାଠ ସହିତ ଶ୍ରୀମଦ୍ ଭଗବତ୍ ଗୀତା ଆହୂତି ପରେ ଯଜ୍ଞର ପୂର୍ଣ୍ଣାହୁତି କରାଯିବ ବୋଲି ଆୟୋଜକ ମାନେ ପ୍ରକାଶ କରିଛନ୍ତି ।

## ନାଟ୍ୟକାର କିଶୋର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପ୍ରସ୍ତୁତି

ଜଗତସିଂହପୁର, ୧୯।୫(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ଅନ୍ତର୍ଗତ ନୂଆଗଡ଼ ଠାରେ ନାଟ୍ୟକାର ଇଂ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସ୍ମୃତି ପରିଷଦ ପକ୍ଷରୁ ନାଟ୍ୟକାର ସ୍ୱର୍ଗତ କିଶୋର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ପରିଷଦର ସମ୍ପାଦକ ରବି ନାରାୟଣ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ନିଷ୍ପତ୍ତି ଅନୁସାରେ ନାଟ୍ୟକାର ଇଂ କିଶୋର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆସନ୍ତା ଜୁନ ୧୮ ଓ ୧୯ ଦୁଇ ଦିନ ଧରି ପାଳନ କରାଯିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅବସରରେ ସ୍ମୃତି ସଭା, ପତ୍ରିକା ଉନ୍ମୋଚନ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯିବା ସହ ନାଟ୍ୟକାରଙ୍କର ଦୁଇଟି ନାଟକ ମଞ୍ଚସ୍ଥ କରାଯିବା ପାଇଁ ସ୍ଥିର କରାଯାଇଛି । ଏହି ବୈଠକରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଭଗବାନ ବିଶ୍ୱାଳ, ଉପଦେଷ୍ଟା ସୁରେଶ ଚନ୍ଦ୍ର ରାଉତ, ସଦାଶିବ ବିଶ୍ୱାଳ, ସଂଯୋଜକ ବିଜନ ମହାପାତ୍ର, ପରୀକ୍ଷିତ ମହାନ୍ତି, ଅରୁଣ କୁମାର ରାଉତରାୟ, ସହ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଶେଷରେ ଇଂ ଆଶୁତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବଙ୍କ ପ୍ରଚାର



ବାଲିକୁଦା, ୧୯।୫(ସମିସ): ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରେ ଦୀର୍ଘଦିନ ଧରି ସମାଜସେବା କରୁଥିବା ସଞ୍ଜୀବ ଏସ ବିଶ୍ୱାଳ ଚଳିତ ବିଧାନସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢୁଛନ୍ତି । ଏହି ଅବସରରେ ବାଲିକୁଦା ହାଟଗଡ଼ା ଛକ ନିକଟରେ ନିର୍ବାଚନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ବିଧାୟକ ପ୍ରାର୍ଥୀ ସଞ୍ଜୀବ ଏସ ବିଶ୍ୱାଳ ଓ ଆଇନଜୀବୀ ରବୀନ୍ଦ୍ର ସ୍ୱାଇଁ ଆନୁଷ୍ଠାନିକ ଭାବେ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ରଶ୍ମିତା ସ୍ୱାଇଁ, ବଡଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ହେମନ୍ତ କୁମାର ସେଠୀ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ଭୋଳ, ପ୍ରତାପ ବିଶ୍ୱାଳ, ଗୋପାଳ ଚନ୍ଦ୍ର ରାଉତ, ଲକି ନାୟକ, ପ୍ରଦୀପ୍ତ ବିଶ୍ୱାଳ, ଜଗନ୍ନାଥ ବିଶ୍ୱାଳ, ବିଶ୍ୱଜିତ ସାହୁ, ଅର୍ଜୁନ ଦାସ, କୁଶା ମହାନ୍ତି, ଲୋକନାଥ ଦାସଙ୍କ ସହ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ ।

## ପୁଲିସ ପକ୍ଷରୁ ଯାଞ୍ଚ ଓ ରାତ୍ର ପାଟ୍ରୋଲିଂ କଡ଼ାକଡ଼ି

ବାଲିକୁଦା, ୧୯।୫(ସମିସ): ବାଲିକୁଦା ପୁଲିସ ପକ୍ଷରୁ ନିର୍ବାଚନ ପାଇଁ ଯାଞ୍ଚ ଓ ରାତ୍ର ପାଟ୍ରୋଲିଂକୁ କଡାକଡି କରାଯାଇଛି । ନିର୍ବାଚନ ସମୟରେ ଚୋରା ମଦ କାରବାର ସମେତ ବେଆଇନ ଭାବେ ଅର୍ଥ କାରବାର ଜୋରଦାର ହୋଇଥାଏ । ଏହାକୁ ରୋକିବା ପାଇଁ ବାଲିକୁଦା ପୁଲିସ କଡ଼ା ପଦକ୍ଷପ ଗ୍ରହଣ କରିଛି । ଗତ ଦୁଇଦିନ ତଳେ ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ମାଛଗାଁଠାରେ ପୁଲିସ ପାଟ୍ରୋଲିଂ କରୁଥିବାବେଳେ ଏକ କଳା ରଙ୍ଗର କାର୍ ଦ୍ରୁତ ଗତିରେ ଆସୁଥିବା ଦେଖି ପୁଲିସ ଅଟକାଇ ଥିଲା । ତେବେ ଗାଡିରେ ଥିବା ଦୁଇ ଯୁବକ ନିଶାଶକ୍ତ ଅବସ୍ଥାରେ ପୁଲିସକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ଦେଇଥିବା ନେଇ ପାଟ୍ରୋଲିଂ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ପୀତାମ୍ବର ପରିଡ଼ା ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ । ମଦ ନିଶାରେ ଥିବା ଉକ୍ତ ଦୁଇ ଯୁବକ ପୁଲିସକୁ ଦୁର୍ବ୍ୟବହାର କରିବା ସହ ଧକ୍କା ଦେଇଥିଲେ । ଫଳରେ ପୁଲିସ ପକ୍ଷରୁ ଉଭୟଙ୍କୁ ଅଟକ ରଖାଯାଇ ବାଲିକୁଦା ଥାନା ନିଆଯାଇଥିବାବେଳେ ସେମାନଙ୍କ ନିକଟରୁ ଦୁଇ ବୋତଲ ମଦ ଜବତ ହୋଇଥିଲା । ସେମାନଙ୍କ ନାମରେ ମାମଲଶ ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି ।

## କଂଗ୍ରେସ ପ୍ରାର୍ଥୀ ନିରଞ୍ଜନଙ୍କ ପ୍ରଚାର



ପାରାଦୀପ, ୧୯।୫ (ସମିସ): କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ନାୟକ ଆଜି ଅପରାହ୍ନରେ ପାରାଦୀପ ବଡପଡ଼ିଆରେ ଏକ ପଦଯାତ୍ରା କରିଥିଲେ । ଦଳର ବରିଷ୍ଠ ନେତା କେଦାରନାଥ ଜେନା, କେଦାର ବିଶ୍ୱାଳ, କୈଳାସ ବାରିକ, ତ୍ରିନାଥ ସେଠୀ, ମନୋରମା ଖଟୁଆ, କମଳା ଓଝାଙ୍କ ସମେତ ବହୁ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । କେନ୍ଦ୍ରର ବିଜେପି ସରକାର ପୁଞ୍ଜିପତୀଙ୍କ ସରକାର ହୋଇ ଦେଶର ପ୍ରମୁଖ ସମ୍ପତ୍ତିକୁ ବିକ୍ରି କରିବାରେ ଲାଗିଛି । କଂଗ୍ରେସ୍ ସରକାର ସମୟରେ ପ୍ରତିଷ୍ଠା ହୋଇଥିବା ପିପିଏଲ ସାର କାରଖାନାକୁ ବିଜେପି ସରକାର ବିକି ଦେଲେ । ନିରଞ୍ଜନ ପାରାଦୀପର ବଡପଡ଼ିଆ ଅଞ୍ଚଳର ବସ୍ତି ଅଞ୍ଚଳ ସହିତ କଲୋନୀ ଓ ମାର୍କେଟ ଅଞ୍ଚଳ ବୁଲି ସାଧାରଣ ଲୋକଙ୍କୁ ଭେଟି ରାଜ୍ୟ ତଥା ଦେଶରେ କଂଗ୍ରେସ୍ ସରକାର ପ୍ରତିଷ୍ଠା ପାଇଁ ହାତ ଚିହ୍ନରେ ଭୋଟ ଦେବାକୁ ସେ ନିବେଦନ କରିଥିଲେ ।

## ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସ୍ଥାପିତ ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟ ଓ ୱାଟର ଏଟିଏମ୍ ଉଦ୍‌ଘାଟିତ

ପାରାଦୀପ, ୧୯।୫ (ସମିସ): ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍ ଏସ୍ ଇଣ୍ଡିଆ) ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ 'ପ୍ରକଳ୍ପ ତୃପ୍ତି' ଅଧୀନରେ ପାରାଦୀପର ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ହାଣ୍ଡିଆ ଗ୍ରାମରେ ଏକ ଗୋଷ୍ଠୀ ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟ ସ୍ଥାପନ କରିଛି । ଏହି ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟରେ ଏକ ୱାଟର ଏଟିଏମ୍ ସ୍ଥାପନ କରାଯାଇଛି । ଫଳରେ ସ୍ଥାନୀୟ ବାସିନ୍ଦା ବିଶୁଦ୍ଧ ପାନୀୟଜଳ ପାଇପାରିବେ । ଗୋଷ୍ଠୀ ଜଳ ବିଶୁଦ୍ଧୀକରଣ ପ୍ଲାଣ୍ଟରେ ଅତ୍ୟାଧୁନିକ ମଲ୍ଟି-ଷ୍ଟେଜ୍ ଟ୍ରିଟମେଣ୍ଟ ଟେକ୍ନୋଲୋଜି ରହିଛି । ଯାହା ସମାଜ ପାଇଁ ନିରାପଦ ଓ ସ୍ୱଚ୍ଛ ଜଳ ସୁନିଶ୍ଚିତ କରିବ । କାର୍ଡ ଜରିଆରେ ହିତାଧିକାରୀ ଏଥିରୁ ପାଣି ସଂଗ୍ରହ କରିପାରିବେ । ଉକ୍ତ ଅତ୍ୟାଧୁନିକ ଜଳ ବିଶୋଧନ ପ୍ଲାଣ୍ଟରେ ଘଣ୍ଟା ପ୍ରତି ୫୦୦ ଲିଟର ଜଳ ବିତରଣ କ୍ଷମତା ରହିଛି । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୫୦୦ ପରିବାର ଉପକୃତ ହେବେ । ଗତ ୧୬ ତାରିଖରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅପରେସନ୍ସ) ସୁରେଶ ଜିଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ସିଏସଆର ମୁଖ୍ୟ ଡଃ ବିକାଶ ଯାଦବେନ୍ଦୁ, ଗ୍ରାମ ସଭାପତି ଅନାମ ସ୍ୱାଇଁ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏ ପରିପ୍ରେକ୍ଷୀରେ ସୁରେଶ ଜି କହିଛନ୍ତି, ଏଏମ୍ /ଏନ୍‌ଏସ୍ ଇଣ୍ଡିଆ ପ୍ରୋଜେକ୍ଟ ତୃପ୍ତି ଅଧୀନରେ ଏହି ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ କରି ଗର୍ବିତ । ଆଗାମୀ ଦିନରେ ଆଉଏକ ଜଳ ବିଶୋଧନ ପ୍ଲାଣ୍ଟ ଓ ପାଣି ଏଟିଏମ୍ ମୂଷାଡ଼ିଆ ଗ୍ରାମରେ ଖୁବ୍‌ଶୀଘ୍ର ସ୍ଥାପନ ଯୋଜନା ରହିଛି ।






## ଗାୟତ୍ରୀ ନବଦିବସୀୟ ପ୍ରଜ୍ଞା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ପାରାଦୀପ, ୧୯।୫ (ସମିସ): ଯୁଗ ଶକ୍ତି ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ ଗାୟତ୍ରୀ ନଗର, ବିଜୟଚନ୍ଦ୍ରପୁର ପାରାଦୀପରେ ନବଦିବସୀୟ ପ୍ରଜ୍ଞା ପ୍ରଶିକ୍ଷଣ ଶିବିର ଆଜି ଉଦଯାପିତ ହୋଇଯାଇଛି । ଉକ୍ତ ଶିବିରକୁ ପାରାଦୀପ ଗାୟତ୍ରୀ ପରିବାରର ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ଶାନ୍ତିକୁଞ୍ଜରୁ ଆସିଥିବା ରାଜ୍ୟ ସଂଯୋଜକ ପ୍ରଦୀପ କୁମାର ସାହୁ, ସଙ୍ଗୀତ ପ୍ରଶିକ୍ଷକ ରବୀନ୍ଦ୍ର କୁମାର ଗୌଡା ଓ କର୍ମକାଣ୍ଡ ସଂସ୍କାରକ ସରୋଜ କୁମାର ପ୍ରଧାନ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଗାୟତ୍ରୀ ପରିବାର ସହ ନିକଟସ୍ଥ ଅନ୍ୟ ଜିଲ୍ଲାରୁ ମଧ ପ୍ରାୟ ଏକ ଶହରୁ ଅଧିକ ସଦସ୍ୟ ଏହି ଶିବିରରେ ରହି ସଙ୍ଗୀତ, ଡଫଲୀ, କର୍ମକାଣ୍ଡ ସଂସ୍କାର ଓ ଉତ୍କୃଷ୍ଟ ଶୋଲ୍କ ଉଚ୍ଚାରଣର ଅଭ୍ୟାସ କରିଥିଲେ । ଶାନ୍ତି କୁଞ୍ଜରୁ ଆସିଥିବା ପ୍ରଶିକ୍ଷିକ ଦୈନିକ ବେଦମୂର୍ତ୍ତି ତପୋନିଷ୍ଠା ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ମାତା ବନ୍ଦନୀୟା ଭଗବତୀ ଦେବୀ ଶର୍ମାଙ୍କ ଯୁଗ ନିର୍ମାଣ ଯୋଜନା, ତଥା ଶରୀର କୁ ଭଗବାନଙ୍କ ମନ୍ଦିର ମନେକରି ଆତ୍ମ ସଂଯମ, ଇନ୍ଦ୍ରୀୟ ସଂଯମ, ଅର୍ଥ ସଂଯମ, ସମୟ ସଂଯମ, ବିଚାର ସଂଯମ ସହ ସଚୋଟତା ଓ ଗୁରୁଜୀଙ୍କ ବାଣୀକୁ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ମନୁଷ୍ୟ ନିଜେ ନିଜର ଭାଗ୍ୟ ନିର୍ମାତା । ନିଜେ ବଦଳିଲେ ଯୁଗ ସୁଧରିବ । ଏହି ତଥ୍ୟ ସମସ୍ତ ପୁରପଲ୍ଲୀରେ ପ୍ରଚାର କରିବା ସହ ଯଜ୍ଞର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଚାଳିଶଟି ଟୋଲୀ ଗଠନ କରାଯାଇ ଗାୟତ୍ରୀ ମାତାଙ୍କ ମହିମା, ଗାୟତ୍ରୀ ଯଜ୍ଞ ପରମ୍ପରାକୁ ଅଧିକ ବିସ୍ତୃତ, ବ୍ୟାପକ ଓ ଲୋକପ୍ରିୟ କରିବାକୁ ଦାୟିତ୍ୱ ଦିଆଯାଇଥିଲା । ଶନିବାର ଦିନ ଦୀପ ଯଜ୍ଞର ଆୟୋଜନ କରାଯାଇ ତଦ୍‌ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଶା ମୁକ୍ତ ସମାଜ ଗଠନ ସମ୍ପର୍କରେ ସଚେତନତା କରାଯାଇଥିଲା । ପାରାଦୀପ ଗାୟତ୍ରୀ ପରିବାରର ମୁଖ୍ୟ ସଂଯୋଜକ ପ୍ରସନ୍ନ କୁମାର ରାଉତରାୟ ଗୁରୁଜୀଙ୍କ ଯୁଗ ନିର୍ମାଣ ଯୋଜନାରେ ନିଜକୁ ସାମିଲ କରିବା ସହ ଗାୟତ୍ରୀ ମହାମନ୍ତ୍ର ମାଧ୍ୟମରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଗଠନ କରିବାରେ ନିଜ ନିଜର ସକ୍ରିୟ ଯୋଗଦାନକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ ।

## ଜଡ଼ତିରାରେ ବିଜେଡିର କର୍ମୀ ସମ୍ମିଳନୀ

ତିର୍ତ୍ତୋଲ, ୧୯।୫(ସମିସ)



ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ତିର୍ତ୍ତୋଲ ବ୍ଲକର ଜଡତିରା ପଞ୍ଚାୟତର ଅରଡାଠାରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ପଞ୍ଚାୟତ ବିଜେଡି ସଭାପତି ଦେବେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତ, ବିଧାୟକ ସମ୍ବିତ ରାଉତରାୟ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଆସୀନ କରିବା ପାଇଁ ଶଙ୍ଖରେ ଉଭୟ ସାଂସଦ ପ୍ରାର୍ଥୀ ଓ ବିଧାୟିକା ପ୍ରାର୍ଥୀଙ୍କୁ ଭୋଟ ଦେଇ ବହୁ ଭୋଟରେ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସମିତି ସଭ୍ୟା ନମିତା ନାୟକ, ଯୁବ ବିଜେଡି ସଭାପତି ପବିତ୍ର ସ୍ୱାଇଁ, ଅରୂପ ଓଝା, ଅମରେନ୍ଦ୍ର ସାହୁ, କେଳୁଚରଣ ଲେଙ୍କା, ପ୍ରକାଶ ଦାସ, ସନ୍ତୋଷ ମହାନ୍ତି, ଆଲୋକ ଓଝା, ସରୋଜ ନାଥ, ସୁନୀଲ ନାଥଙ୍କ ସମେତ ବହୁ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ । ଏ ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କଂଗ୍ରେସ ଦଳ ଛାଡି ବିଜେଡି ଯୋଗଦାନ କରିଥିବା ବରିଷ୍ଠ କର୍ମୀ ରଞ୍ଜନ ସ୍ୱାଇଁ, ବିପିନ ବାରିକ, ତପନ ମଲ୍ଲିକ, ମନୋରଞ୍ଜନ ପଣ୍ଡା, ନିମାଇଁ ଚରଣ ପାଣି, ରାଜକିଶୋର ପଣ୍ଡା, ରାଜା ନାଥ, ଗଗନ ନାଥ, ଶାନ୍ତନୁ ନାଥ ସମେତ ୫୦ରୁ ଅଧିକ କର୍ମୀଙ୍କୁ ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ରାଉତରାୟ, ବିଧାୟକ ଶ୍ରୀ ରାଉତରାୟ, ବ୍ଲକ ଅଧ୍ୟକ୍ଷ ଶ୍ରୀ ବେହେରା ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ ।

# ପର୍ଯ୍ୟବେକ୍ଷକ, ପ୍ରାର୍ଥୀ ଓ ରାଜନୈତିକ ଦଳଙ୍କ ଉପସ୍ଥିତିରେ ଦ୍ୱିତୀୟ ରାଣ୍ଡୋମାଇଜେସନ୍

**କେନ୍ଦ୍ରାପଡ଼ା,୧୯।୫(ସମିସ):** ଭାରତର ନିର୍ବାଚନ କମିସନ୍ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପର୍ଯ୍ୟବେକ୍ଷକ, ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଉପସ୍ଥିତିରେ ବାଲାଟ୍ ୟୁନିଟ୍ (ବିୟୁ), କଣ୍ଟ୍ରୋଲ ୟୁନିଟ୍(ସିୟୁ) ଓ ଭିଭିପାଟ୍‌ର ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡୋମାଇଜେସନ ଶେଷ ହୋଇଛି।



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରକ୍ରିୟାରେ ସାଧାରଣ ପର୍ଯ୍ୟବେକ୍ଷକ ଭରତ କୁମାର ଭାସବା ଓ ସାକେତ ମାଳବିୟ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭୁବନେଶ୍ୱରୀ ଏସ୍, ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଉପସ୍ଥିତିରେ ଏହା ସମ୍ପାଦନ କରାଯାଇଥିଲା। ପ୍ରତିଟି ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟ୍‌ର କ୍ରମିକ ନମ୍ବରକୁ ର୍‌ୟାଣ୍ଡମ୍‌ଲି ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର ଓ ମହାକାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ସହ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସଂଯୋଗ କରାଯାଇଥିଲା।

ଗୋଟିଏ ବୁଥ୍ ପାଇଁ ବାଲାଟ୍ ୟୁନିଟ୍, କଣ୍ଟ୍ରୋଲ ୟୁନିଟ୍ ଓ ଭିଭିପାଟ୍‌ର ଆବଶ୍ୟକତା ରହିଥାଏ। ମାତ୍ର ବିୟୁ/ସିୟୁ/ଭିଭିପାଟ୍ କେଉଁ କ୍ରମିକ ନମ୍ବର କେଉଁ ବୁଥ୍‌କୁ ଯିବ, ତାହା ମନୁଷ୍ୟକୃତ ହେଲେ ନିରପେକ୍ଷ ହୋଇ ନ ପାରିବା ସମ୍ଭାବନା ଥିବାରୁ ତାହାକୁ ଅନ୍‌ଲାଇନ୍ ଯୋଗେ କମ୍ପ୍ୟୁଟର୍‌ରେ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରଥମ ରାଉଣ୍ଡରେ ବିୟୁ/ସିୟୁ/ଭିଭିପାଟ୍ କ୍ରମିକ ନମ୍ବର ଗୋଟିଏ ବୁଥ୍ ପାଇଁ ଯାହା ରହିଥିବ, ପରବର୍ତ୍ତୀ ରାଉଣ୍ଡରେ ତାହା ଅନ୍ୟତ୍ର ପରିବର୍ତ୍ତନ ହୋଇଥାଏ। ଅର୍ଥାତ୍ କେଉଁ କ୍ରମିକ ନମ୍ବର କେଉଁ ବୁଥ୍‌କୁ ଯିବ, ତାହା କେହି କହିପାରିବେ ନାହିଁ। ର୍‌ୟାଣ୍ଡମ୍‌ଲି ଏହି କ୍ରମିକ ନମ୍ବର ସ୍ୱଚ୍ଛ ଓ ନିରପେକ୍ଷ ଭାବେ ସଂଯୋଗ ହେଉଥିବାରୁ ଏହାର ନାମ ରାଣ୍ଡୋମାଇଜେସନ୍। ନିୟମାନୁସାରେ ମୋଟ୍ ୫ଟି ରାଉଣ୍ଡ ରାଣ୍ଡୋମାଇଜେସନ୍ ହୋଇପାରିବ। ମାତ୍ର ଯେଉଁ ରାଉଣ୍ଡରେ ସମସ୍ତ ରାଜନୈତିକ ଦଳ ସହମତି ପ୍ରକାଶ କରିବେ ସେହି ରାଉଣ୍ଡର ତଥ୍ୟ ଅନୁସାରେ ବିୟୁ/ସିୟୁ/ଭିଭିପାଟ୍‌ର ନମ୍ବରିଂ କରାଯାଇ ସେହି ବୁଥ୍‌କୁ ପଠାଯିବ। ପୁନଶ୍ଚ ସେହି ନମ୍ବରର ବିୟୁ/ସିୟୁ/ଭିଭିପାଟ୍ ବାସ୍ତବରେ ସେହି ବୁଥ୍‌କୁ ଯାଇଛି ନା ନାହିଁ ତାହାକୁ ଭୋଟ୍ ଗ୍ରହଣ ଦିନ ବୁଥ୍‌ର ନିୟୋଜିତ ହୋଇଥିବା ପଲିଟିକାଲ୍ ଏଜେଣ୍ଟ ଚେକ୍ କରିପାରିବେ। ଏହି ରାଣ୍ଡୋମାଇଜେସନ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବୀନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଏଆର୍‌ଓ, ଜିଲ୍ଲା ଇ-ଗଭର୍ଣ୍ଣାସ୍ ପରିଚାଳକ ଜ୍ଞାନରଞ୍ଜନ ସେଠୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର ଓ ପଲ୍ଲବୀ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପ୍ରଫୁଲ୍ଲ କୁମାର ଦାସ, ଜ୍ୟୋତି ପ୍ରକାଶ ଘୋଷ, ଶେଖ୍ ସାଦିକା ହୁସେନ, ସୁପ୍ରଭା ଦାସ, ସୌଭାଗ୍ୟ କେତନ ସାମଲ, ସନ୍ତୋଷ କୁମାର ପାତ୍ର, ନାରାୟଣ ଚନ୍ଦ୍ର ରାଉତ, ଧୀରେନ୍ କୁମାର ସାହୁ, ପ୍ରଦୀପ କୁମାର ଦାସ, ପ୍ରଶାନ୍ତ କୁମାର ପାତ୍ର, ମନୋଜ କୁମାର ରାଉତ, ମହେନ୍ଦ୍ର ବାଇ ପ୍ରମୁଖ ସଦ୍‌ଭାବନା ସଭାକକ୍ଷରେ ଉପସ୍ଥିତ ଥିଲେ। ସେମାନେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଣ୍ଡୋମାଇଜେସନ୍ ପାଇଁ ନିଆଯାଇଥିବା ସମସ୍ତ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ନିଜ ନିଜର ସନ୍ତୋଷ ପ୍ରକଟ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ରାଣ୍ଡୋମାଇଜେସନ୍ ପରେ ଗରାପୁର କପାଳେଶ୍ୱରସ୍ଥ ୱେୟାର୍ ହାଉସ୍‌ଠାରେ ଗଚ୍ଛିତ ଥିବା ସମସ୍ତ ଇଭିଏମ୍ ମେସିନ୍‌କୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୂର୍ଣ୍ଣ ପ୍ରସ୍ତୁତ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏହାକୁ ସ୍ଥାନାନ୍ତର କରାଯାଇଥିବାବେଳେ ସମସ୍ତଙ୍କ ଉପସ୍ଥିତିରେ ମଧ୍ୟ ଏହାକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖି ତାଲା ଦିଆଯିବ। ସ୍ୱଚ୍ଛ, ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ୨୪ ଘଣ୍ଟିଆ ସଶସ୍ତ୍ର ପୁଲିସ ବାହିନୀର କଡ଼ା ସୁରକ୍ଷା ବଳୟ ଓ ସିସିଟିଭି ସୁପରିଭିଜନ ମଧ୍ୟରେ ଏହି ମେସିନ୍ ରହିବ।

## ସ୍ୱାଧୀନ ମଲିକ କେନ୍ଦ୍ରାପଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର



**ପଟ୍ଟାମୁଣ୍ଡାଇ,୧୯।୫(ସମିସ):** ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ସ୍ୱାଧୀନ ମଲିକ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁର ପଞ୍ଚାୟତ କଦଳୀବଣ ଗ୍ରାମର ଗିରିଧାରୀ ମଲିକ ଓ ସେବତୀ ମଲିକଙ୍କ ପୁତ୍ର ସ୍ୱାଧୀନ ମୋଟ ୫୦୦ରୁ ୪୮୨ ନମ୍ବର (୯୬.୪ ପ୍ରତିଶତ) ରଖି କେନ୍ଦ୍ରୀୟ ବିଦ୍ୟାଳୟ ଟପ୍ପର ହେବା ସହିତ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି। ସ୍ୱାଧୀନ ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସେ ସଫଳତାର ଶ୍ରେୟକୁ ତାଙ୍କ ମାତାପିତା, ଗୁରୁଜନ, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଦେଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ବାଲ୍ ବିକାଶ ଗୁରୁ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡ଼ା,୧୯।୫(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗଣ୍ଡାକିଆ ଶ୍ରୀସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ମୂଲ୍ୟବୋଧ ଶିକ୍ଷାକୁ ଆଧାର କରି ବାଲ ବିକାଶ ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ଗ୍ରୁପ୍-୧ ଗୁରୁ ପ୍ରଶିକ୍ଷଣ ଶିବିର ଗଣ୍ଡାକିଆ ସାଇ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରାକ୍ତନ ଜିଲ୍ଲା ସଭାପତି ରାମଚନ୍ଦ୍ର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆବାହକ ହୃଷିକେଶ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଭାବେ ଚନ୍ଦ୍ରମଣି ସାହୁ, ଅନ୍ନପୂର୍ଣ୍ଣା ଶତପଥୀ, ରଙ୍ଗଲତା ସାହୁ, ସୁରେଶ ଚନ୍ଦ୍ର ସାହୁ, ବିଷ୍ଣୁଚରଣ ସାମଲ ପ୍ରାୟ ୩୦ ଜଣ ଗୁରୁଙ୍କ ପାଇଁ ନିରବ ଉପଦେଶନ, ଗଳ୍ପ କଥନ, ସ୍ତୋତ୍ର ଶିକ୍ଷା, ଭଜନ ପ୍ରଶିକ୍ଷଣ, ମୂଲ୍ୟବୋଧ ଖେଳ ସଂପର୍କରେ କୌଶଳ ଶିକ୍ଷା ପ୍ରଦାନ କରିଥିଲେ। ସଂଯୋଜକ ଇନ୍ଦ୍ରମଣି ଦାସ କୃତଜ୍ଞତା ଜ୍ଞାପନ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଓମ୍‌ଙ୍କୁ ସମ୍ବର୍ଦ୍ଧନା



**ରାଜକନିକା,୧୯।୫(ସମିସ):** ସିବିଏସଇ ଦଶମ ପରୀକ୍ଷାରେ ୯୬.୬ ପ୍ରତିଶତ ନମ୍ବର ରଖି ଚଳିତ ବର୍ଷ ଜିଲ୍ଲା ଟପ୍ପର ହୋଇଥିବା ରାଜକନିକା ବ୍ଲକ କାଟଣା ଗ୍ରାମର ଓମ ବେହେରାଙ୍କୁ କାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତିର ସମ୍ପାଦକ ଧନୁର୍ଜୟ ଦାସ, ଯୁଗ୍ମସମ୍ପାଦକ ଗଜାନନ ମାହନ୍ତ, କୋଷାଧ୍ୟକ୍ଷ ବିଭୂତି ଭୂଷଣ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ବବିତା କୁଣ୍ଡଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମାଙ୍କ ସହ କାଟଣା ଉପଯୋଜନା କେନ୍ଦ୍ରର ସତସଙ୍ଗ ପରିବାରର ସଦସ୍ୟ ଉପସ୍ଥିତ ରହି ଓମଙ୍କୁ ପୁଷ୍ପଗୁଚ୍ଛ ଦେଇ ଆଶୀର୍ବାଦ କାମନା କରିଥିଲେ।

## ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ 'ଶ୍ରୀବିରଜା ସ୍ତୋତ୍ରମାଳା' ପୁସ୍ତକ ଲୋକାର୍ପିତ



**ଯାଜପୁର, ୧୯।୫(ସମିସ)** 'ଶ୍ରୀବିରଜା ସ୍ତୋତ୍ରମାଳା' ପୁସ୍ତକ ଯାଜପୁର ସହରସ୍ଥ ରାଧାକୃଷ୍ଣ ମନ୍ଦିର ପରିସରରେ ଲୋକାର୍ପିତ ହୋଇଯାଇଛି। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହକୁ ମୁଖ୍ୟଅତିଥି ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡଃ ସଦାନନ୍ଦ ଦୀକ୍ଷିତ ଉଦ୍‌ଘାଟନ କରି ବେଦଭୂମି ଯାଜପୁରର ମହାନ୍ ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ଆଲୋଚନା କରି ଏହାର ସୁରକ୍ଷା ଓ ବିକାଶ ନିମିତ୍ତ ଯାଜପୁରବାସୀ ଉଦ୍ୟମ ଅବ୍ୟାହତ ରଖିବାକୁ ଆହ୍ୱାନ ଦେଇଥିଲେ। ବିରଜା ଚେତନା ଗବେଷଣା ପରିଷଦର ଅଧ୍ୟକ୍ଷ ପଣ୍ଡିତ ଡକ୍ଟର ଜ୍ଞାନରଞ୍ଜନ ପତି ମୁଖ୍ୟବକ୍ତା ରୂପେ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ରଚିତ ସ୍ତୋତ୍ରମାଳା ମା' ବିରଜାଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ନିବେଦନର ପ୍ରମାଣ ବୋଲି କହିଥିଲେ। ବିଶ୍ୱ ଜନନୀ ବିରଜାଙ୍କ ମହିମାକୁ ନେଇ ରଚିତ ଏଭଳି ପୁସ୍ତକ ପ୍ରକାଶନକୁ ଡଃ ପତି ପ୍ରଶଂସା କରିଥିଲେ। ଏହି ସମାରୋହରେ ରାଜ୍ୟ ସଂସ୍କୃତ ମହାମଣ୍ଡଳର କାର୍ଯ୍ୟକାରୀ ସଭାପତି ଡଃ ଶୈଳେନ୍ଦ୍ର ପାଢୀ, ସମ୍ପାଦକ ଡଃ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଅତିଥି ରୂପେ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ସଂସ୍କୃତ ଓ ସଂସ୍କୃତ ସଂଗଠନ ପ୍ରତି ଥିବା ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସଭା ଆରମ୍ଭରେ ସନ୍ତୋଷ ମିଶ୍ର ବେଦ ପାଠ କରିଥିବାବେଳେ ପଣ୍ଡିତ ଲକ୍ଷ୍ମୀଧର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀ ନରହରି ଦାସ ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଭାଗୀରଥି ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ପଣ୍ଡିତ ଅଜୟ କୁମାର ନନ୍ଦ ଲୋକାର୍ପିତ ପୁସ୍ତକର ସମୀକ୍ଷା କରିଥିଲେ।

## ନୂଆଗାଁ ଝାଉଁ ଜଙ୍ଗଲରୁ ଚୋରି ପାଣି ପମ୍ପ୍ ଉଦ୍ଧାର



**ପାରାଦୀପ, ୧୯।୫ (ସମିସ):** ଜଟାଧାରୀ ମୁହାଣ ନିକଟରେ ଫରଗୋ ଜିଓଟେକ ଠିକା କମ୍ପାନୀ ପକ୍ଷରୁ ଜେଏସଡବ୍ଲୁର ନିର୍ମିତ ଜେଟି ନିକଟରୁ କେହି ଦୁର୍ବୃତ୍ତ ଏକ ଦୁଇ ପାଣି ପମ୍ପ ଚୋରି କରିନେଇଥିବା କମ୍ପାନୀର ମ୍ୟାନେଜର ରବି ନାଥ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ରାଜକିଶୋର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ କରି ଦୁଇ ଅଭିଯୁକ୍ତ ଗୋବିନ୍ଦପୁରର ମୁନା ସ୍ୱାଇଁ (୨୧) ଓ ନୂଆଗାଁର କାଳନ୍ଦୀ ଦାସ (୪୬)କୁ ଗିରଫ କରିଥିଲା। ସେମାନେ ସେହି ପମ୍ପ୍‌କୁ ନୂଆଗାଁ ଜଙ୍ଗଲ ମଧ୍ୟରେ ଥିବା ବାଲି ପଠା ଭିତରେ ପୋତିଥିବା ପୁଲିସ ଆଗରେ ମାନିଥିଲେ। ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ପମ୍ପ୍ ଜବତ କରିବା ସହ ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇଛି।

## ପ୍ରାଧ୍ୟାପକ ରବୀନ୍ଦ୍ର ପରିଡ଼ାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୧୯।୫(ସମିସ):** ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପରିଡ଼ାଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ଛାତ୍ର ବତ୍ସଳ ଓ ମେଳାପି ପ୍ରାଧ୍ୟାପକ ଭାବେ ପରିଚିତ ଥିଲେ। ବିଶିଷ୍ଟ କଥାକାର ଡଃ ନୀଳମଣି ଲେଙ୍କାଙ୍କ ପୌରୋହିତ୍ୟରେ ହରପାର୍ବତୀ ମନ୍ଦିର ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କବି ଡା ମନୋରଞ୍ଜନ ଦାଶ, ଅଧ୍ୟାପକ ଦିଲ୍ଲୀପ ମହାପାତ୍ର, ଅଧ୍ୟାପକ ପ୍ରତାପ ମଲ୍ଲିକ, ଅଧ୍ୟାପିକା ମୀନା କୁମାରୀ ସିଂ, ଅଧ୍ୟାପିକା ଚିତ୍ରାକାନ୍ତୀ ସେଠୀ, ସମାଜସେବୀ ଗୋଲକ ଚନ୍ଦ୍ର ପରିଡା, ପ୍ରାଧ୍ୟାପକ ଡଃ ବୈକୁଣ୍ଠ ଚରଣ ରାଉଳ, ଶିକ୍ଷାବିତ ରଞ୍ଜନ କୁମାର ରାଉଳ ପ୍ରମୁଖ ଯୋଗଦେଇ ତାଙ୍କର କର୍ମମୟ ଜୀବନ ଉପରେ ଆଲୋକପାତ କରିବା ସହିତ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

## ମୃଦୁ ପାନୀୟ ଗାଡ଼ିରୁ ମଦ ଜବତ

**ପାରାଦୀପ, ୧୯।୫ (ସମିସ):** ପାରାଦୀପ ମେରାଇନ ଥାନା ଅଧୀନ ଜେଏସଡବ୍ଲୁ ପାର୍କିଂ ନିକଟରେ ମୃଦୁ୍ୟ ପାନୀୟ (କୋଲଡ୍ରିଙ୍କ) ବିକ୍ରି କରୁଥିବା ଏକ ମାରୁତି ଭ୍ୟାନରୁ ୧୮.୮ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିଛି ପୁଲିସ। ଏଥିସହିତ ଭ୍ୟାନର ଡ୍ରାଇଭର ପାରାଦୀପ ଆଦର୍ଶ ଥାନା ଅଧୀନ ଜଗନ୍ନାଥ କଲୋନୀ ଅଞ୍ଚଳର ଶଙ୍କର ପାଇକ (୨୬) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ବାପାଙ୍କ ନିଖୋଜକୁ ନେଇ ଥାନାରେ ଅଭିଯୋଗ କଲେ ପୁଅ

**କୟାଁଗୋଲା, ୧୯।୫ (ସମିସ):** ମଙ୍ଗଳପୁର ଥାନା ତଥା ଦଶରଥପୁର ବ୍ଲକ୍ ବିରିପଟା ପଞ୍ଚାୟତ ନାରୀଗାଁର ବାବାଜୀ ମଲ୍ଲିକ (୫୬) ୧୪ ତାରିଖ ସକାଳୁ କେଉଁଆଡ଼େ ନିଖୋଜ ଥିବା ତାଙ୍କ ପୁଅ ସୁଶାନ୍ତ କୁମାର ମଲ୍ଲିକ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରି ବାପାଙ୍କୁ ଠାବ କରିବାକୁ ପୁଲିସ ନିକଟରେ ନିବେଦନ କରିଛନ୍ତି। ବାବାଜୀ ୧୪ ତାରିଖ ସକାଳ ୬ଟାରେ କୌଣସି କାମ ପାଇଁ ନିକଟସ୍ଥ ବିରିପଟା ଗ୍ରାମକୁ ଯାଉଥିବା ପରବାର ଲୋକଙ୍କୁ କହି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବ୍ୟତିବ୍ୟସ୍ତ ହୋଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବନ୍ଧୁ ପରିଜନଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କର ପତ୍ତା ନ ମିଳିବାରୁ ତାଙ୍କ ପୁଅ ସୁଶାନ୍ତ ମଲ୍ଲିକ ମଙ୍ଗଳପୁର ଥାନାରେ ବାପା ବାବାଜୀଙ୍କ ନିଖୋଜ ଥିବା ନେଇ ଅବଗତ କରିବା ସହିତ ବାବାଜୀଙ୍କୁ ଠାବ କରିବାକୁ ନିବେଦନ କରିଛନ୍ତି। ପୁଲିସ ୩୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଜାତୀୟ କିକ୍‌ବକ୍ସିଂ ପ୍ରତିଯୋଗିତା ପାଇଁ ଯାଜପୁରର ୮ ଖେଳାଳି ମନୋନୀତ

**ଯାଜପୁର ଟାଉନ, ୧୯।୫ (ସମିସ):** ପୁନେ, ମହାରାଷ୍ଟ୍ରରେ ସର୍ବଭାରତୀୟ କିକବକ୍ସିଂ ପ୍ରତିଯୋଗିତା ଚଳିତ ମାସ ୨୧ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ଆହନି ସ୍ୱାଇଁ, ଆରାଧ୍ୟା ନାୟକ, ମଧୁସ୍ମିତା ପୃଷ୍ଟି, ସାନଭି ଜେନା, ଆଦ୍ୟାଶା ନନ୍ଦ, ହିତେଶ କୁମାର ପାତ୍ର, ଓମ୍ ପ୍ରକାଶ ନାୟକ ଓ ସାଇ ଆଦ୍ୟାଂଶୁ ମିଶ୍ର ଭାଗ ନେବେ। ଏମାନେ ଅନଗୁଳ ଓ ଯାଜପୁରରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ମନୋନୀତ ହୋଇଛନ୍ତି। ଜିତେନ୍ଦ୍ର ମହାନ୍ତି ଓ ଭାଗ୍ୟଶ୍ରୀ ମହାପାତ୍ର ଓଡ଼ିଶା ଦଳର ପ୍ରବନ୍ଧକ ଭାବେ ପୁନେ ଯାତ୍ରା କରୁଛନ୍ତି। ଉକ୍ତ ପ୍ରତଯୋଗିତାରେ ଭାଗ ନେବାକୁ ସମ୍ପୂର୍ଣ୍ଣ ଖର୍ଚ୍ଚ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ବହନ କରାଯାଇଛି। ଯାଜପୁର ସ୍ପୋର୍ଟ୍ସ କିକ୍‌ବକ୍ସିଂ ସଂଘ ଦ୍ୱାରା ଏହି ପ୍ରତିଯୋଗୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଖେଳାଳିଙ୍କୁ ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ସ୍ପୋର୍ଟସ କିକବକ୍ସିଂ ସଂଘର ସଭାପତି ଭବପ୍ରସାଦ ଦାସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତପନ ମହାନ୍ତି, ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ରଞ୍ଜନ ସୂତାର, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ସଞ୍ଜୟ ମହାରଣା, ଅର୍ପିତା ନାୟକ, ପ୍ରଶିକ୍ଷକ ରିତେନ୍ଦ୍ର ବିଶ୍ୱାଳ ଶୁଭେଚ୍ଛା ଜଣାଇଛନ୍ତି।



## ପାଣିକୋଇଲି ଷ୍ଟେଟ୍ ବ୍ୟାଙ୍କ ଶାଖାର ନବକଳେବର



**ପାଣିକୋଇଲି, ୧୯।୫(ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ପାଣିକୋଇଲି ଶାଖାକୁ ନୂତନ ଭାବେ ନବକଳେବର କରାଯାଇଛି। ୩ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ନେଇ ଗଠିତ ଏହି ବ୍ୟାଙ୍କରେ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବାରେ ଶାଖା ପରିଚାଳକ ସଞ୍ଜୟ କୁମାର ତ୍ରିପାଠୀ ମୁଖ୍ୟ ଭୂମିକା ନେଇଛନ୍ତି। ଗ୍ରାହକମାନେ କିଭଳି ଭାବେ ଶୀଘ୍ର ଉତ୍ତମ ବ୍ୟାଙ୍କ ସେବା ପାଇପାରିବେ ସେ ନେଇ ଚେଷ୍ଟା ଜାରି ରହିଥିଲା। ଏବେ ଏହି ରୂପାନ୍ତରଣ ପରେ ଏହାକୁ ଉଦ୍‌ଘାଟନ କରାଯାଇଛି। ଏସବିଆଇର ମହାପ୍ରବନ୍ଧକ ପୋନ୍ନାମ୍ବଲମ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉପମହାପ୍ରବନ୍ଧକ ଶୈଳଶ କୁମାର ସିହ୍ନା, ଆଞ୍ଚଳିକ ପରିଚାଳକ ଦିଲ୍ଲୀପ କୁମାର ଦାସଙ୍କ ସମେତ ଶାଖା ପରିଚାଳକ ସଂଜୟ ତ୍ରୀପାଠୀ ଉପସ୍ଥିତ ଥିଲେ। ସମସ୍ତ ପ୍ରକାର ଆଧୁନିକ ପ୍ରଣାଳୀରେ ବ୍ୟାଙ୍କ ସେବା ଯୋଗାଇବା ଶାଖାର ଲକ୍ଷ୍ୟ ବୋଲି ପରିଚଳକ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ

**ପାଣିକୋଇଲି,୧୯।୫(ସମିସ):** ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଞ୍ଚର ମାସିକ ବୈଠକ ସଭାପତି ନୃସିଂହ ଚରଣ ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସଂଗଠନର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଦୈତାରୀ ଜେନାଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇ ପରଲୋକଗତ ଆତ୍ମାର ସଦଗତି କାମନା କରାଯାଇଥିଲା। ସଂପାଦକ ସୁରେନ୍ଦ୍ର କୁମାର ରାୟ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଓ ତାହା ଆଲୋଚନା ପରେ ଗୃହିତ ହୋଇଥିଲା। ଆଜିର ବୈଠକରେ ମୁଖ୍ୟବକ୍ତା ଭାବେ ପ୍ରବୀଣ ପ୍ରାଧ୍ୟାପକ ଡଃ ଦାମୋଦର ମହାପାତ୍ର ଯୋଗ ଦେଇଥିଲେ। ସେ ତାଙ୍କର ଉତ୍ତର ପୂର୍ବ ଭାରତ ଗସ୍ତର ଅନୁଭୂତି ଓ ଅନୁଭବ ସଂପର୍କରେ ନିଜର ଅଭିଭାଷଣ ରଖିଥିଲେ। ଅନ୍ୟତମ ବକ୍ତା ଭାବେ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ, ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଦୈତ ଚନ୍ଦ୍ର ଦାଶ, ସତ୍ୟାନନ୍ଦ ମହାରଣା, ବାବାଜୀ ଚରଣ ରାଉତ, ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ଗୌରାଙ୍ଗ ଚରଣ ବାରିକ, ବୃନ୍ଦାବନ ଜେନା, ମୁରଲୀଧର ଖଣ୍ଡାଇ, ରାଜେନ୍ଦ୍ର ଦାସ, ଦାମୋଦର ସ୍ୱାଇଁ, ରାମଚନ୍ଦ୍ର ମଲ୍ଲିକ, ସତ୍ୟରଞ୍ଜନ ସ୍ୱାଇଁ, ବସନ୍ତ ବେହେରା, ଭରତ ଚନ୍ଦ୍ର ବାରିକ, ଅଭିରାମ ବାରିକ, ଲଜବୁନ ନେସା ପ୍ରମୁଖ ପରିଚାଳନା କରିଥିଲେ। ସଭ୍ୟ ସନାତନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ଉପରେ ଅଚଳ ଟ୍ରକ୍, ଯାତାୟାତ ବାଧାପ୍ରାପ୍ତ

**ପାଣିକୋଇଲି, ୧୯।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଚାନ୍ଦପୁର ଛକ ନିକଟରେ ଶୁକ୍ରବାର ରାତିରୁ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଖରାପ ହୋଇ ରାସ୍ତା ମଝିରେ ଅଟକି ରହିଛି। ଫଳରେ ରାଜପଥରେ ଯାତାୟାତରେ ବାଧା ଉପୁଜିଛି। ଏହି ଟ୍ରକ୍‌କୁ ରାସ୍ତା କଡକୁ ନିଆଯାଉନି କି ହଟାଯାଉନି। ଫଳରେ ଦୁର୍ଘଟଣା ହେବାର ସମ୍ଭାବନା ଦେଖାଦେଇଛି । ଏ ଦିଗରେ ପୁଲିସ ବା ପରିବହନ ବିଭାଗ ନିରବତା ଅବଲମ୍ବନ କରିଛି। ତୁରନ୍ତ ଏହାକୁ ହଟାଯାଇ ଗାଡ଼ି ଯାତାୟାତ ଓ ଲୋକମାନଙ୍କ ସୁଗମ ଯାତାୟତ କରାଇବାକୁ ସାଧାରଣରେ ଦାବି ହୋଇଛି।

## ଆମ୍ବତୋଟାରେ ବିଶ୍ୱଶାନ୍ତି ମହାଯଜ୍ଞ

**ବରୀ,୧୮।୫(ସମିସ):** ବରୀ ବ୍ଲକ ଅଧୀନ ବୋଦୁଅ ରେବଲ ନିକଟ ଆମ୍ବତୋଟାଠାରେ ସମାଜ କଲ୍ୟାଣ ଲାଗି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏ ଅବସରରେ ଗୁରୁବାର ଦିନ ଅଧିବାସ ଓ ଅଙ୍କୁରରୋପଣ ହୋଇଥିବାବେଳେ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ଖରସ୍ରୋତା ନଦୀରୁ ପାଣି ତୋଳି ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳୀ ନିକଟରେ ପହଞ୍ଚିଥିଲେ। ପରେ ଭଅଁରା ନନ୍ଦଲାଲଜୀଉ ମଠର ଦଧିବାମନଜୀଉ ଯଜ୍ଞସ୍ଥଳୀକୁ ବିରାଜମାନ କରିଥିଲେ। ଏଥିସହିତ ସୂର୍ଯ୍ୟପୂଜା, ଗୋପୂଜା, ଶିବପୂଜା, ଗୋପାଳ ପୂଜା ସହିତ ଯଜ୍ଞ କୁଣ୍ଡରେ ବିଶ୍ୱର ମଙ୍ଗଳ କାମନା କରି ଆଚାର୍ଯ୍ୟମାନେ ଆହୂତି ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ମିଶ୍ର, ପଦ୍ମନାଭ ମିଶ୍ର, ବିଭୁପ୍ରସାଦ ମିଶ୍ର, ବିଭୁଭୂଷଣ ପଣ୍ଡା, ଦିଲ୍ଲୀପ ରଥଶର୍ମା ପୂଜକ ଥିବାବେଳେ ଏହି ବିଶ୍ୱଶାନ୍ତି ମହାଯଜ୍ଞ ୭ ଦିନ ଧରି ଅନୁଷ୍ଠିତ ହେବା ସହିତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ମିଳୁନି ପାନୀୟ ଜଳ

# ପ୍ରକଳ୍ପରେ ତାଲା ପକାଇ ମହିଳାଙ୍କ ପ୍ରତିବାଦ



**ମାର୍ଶାଘାଇ,୧୯।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ପେଣ୍ଠ ପାନୀୟଜଳ ପ୍ରକଳ୍ପରୁ ପାନୀୟଜଳ ଯୋଗାଣ କରାଯାଉନାହିଁ। ବସ୍ତି ନିକଟରେ ପାନୀୟଜଳ ପ୍ରକଳ୍ପ ରହିଥିବାବେଳେ କାହିଁକି ଜଳଯୋଗଣ ହେବନାହିଁ ବୋଲି ପ୍ରତିବାଦକାରୀ ମହିଳାମାନେ ପ୍ରଶ୍ନ କରିଛନ୍ତି। ମହିଳମାନେ ବାରମ୍ବାର ପାନୀୟଜଳ ବିଭାଗୀୟ ଯନ୍ତ୍ରୀ, ସରପଞ୍ଚ, ସମିତିସଭ୍ୟା, ଜିଲ୍ଲାପାଳଙ୍କୁ ପାଇପ୍ ଜଳ ଯୋଗାଣ କରିବାକୁ ବହୁବାର ଦାବି କରି ବିଫଳ ହୋଇଛନ୍ତି। ଆମ ଅଧିକାର ପାଇଁ କାହା ସମ୍ମୁଖରେ ହାତପାତିବା ଅପେକ୍ଷା ଆମ ହକ୍ ପାଇଁ ଲଢେଇ କରିବୁ ବୋଲି ଯେନାସାହିର ୫୦ରୁ ଊର୍ଦ୍ଧ୍ୱ ମହିଳା ପ୍ରକଳ୍ପ ଫାଟକରେ ତାଲାପକାଇ ପ୍ରତିବାଦ କରିଛନ୍ତି।

ପ୍ରଚଣ୍ଡ ରୌଦ୍ରତାପରେ କୂଅ, ପୋଖରୀ, ନଦୀ, ନାଳ ସୁଖିଲା ପଡ଼ିଛି। ବସ୍ତିର ଏକମାତ୍ର ନଳକୂପ ଜଳ ଲବଣାକ୍ତ ହୋଇଛି। ନିକଟସ୍ଥ ବନ୍ଧକଟା ପଞ୍ଚାୟତ ଖାରିଆସାହି ପାଇପ୍‌ଜଳ କିମ୍ବା ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି । ଗାଁ ପାନୀୟଜଳ ପ୍ରକଳ୍ପରୁ ପଡ଼ୋଶୀ ପଞ୍ଚାୟତକୁ ଜଳଯୋଗାଣ ହେଉଛି। ତେବେ ପ୍ରକଳ୍ପ ନିକଟରୁ ମାତ୍ର ୧୦୦ମି ଦୂରରେ ବସ୍ତିକୁ ପାଇପ୍ ଜଳ ଯୋଗାଣ ହେଉ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବସ୍ତିର କବିତା ଜେନା, ସଂଯୁକ୍ତା ଜେନା, ସବିତା ଜେନା, ଶ୍ରୀମତୀ ଜେନା, ପୁନି ଜେନା, ଦେବକୀ ଜେନା, ରାଧାମଣି ଜେନା, ରେବତୀ ଜେନା, ଝରଣା ଜେନା, ମାଳତୀ ଜେନା, ବାସନ୍ତୀ ଜେନାଙ୍କ ସମେତ ବସ୍ତିର ମହିଳା ଏକତ୍ରିତ ହୋଇ ପ୍ରକଳ୍ପ ସମ୍ମୁଖରେ ପ୍ରତିବାଦ କରିଛନ୍ତି। ଏ ସମ୍ପର୍କରେ ପାନୀୟଜଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ ସେଠୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ।



## ପରିବେଶକୁ ବିପଦ ଚୁଇଂଗମ୍

ଛୋଟରୁ ଆରମ୍ଭ କରି ବଡ଼ ପିଲାଙ୍କର ଚୁଇଂଗମ୍ ଅତିପ୍ରିୟ। ଖେଳିବା, କାମ କରିବା, ଟିଭି ତଥା ଗାଡ଼ି ଚଳାଇବା ସମୟରେ ସେମାନେ ଏହାକୁ ଖାଇଥାନ୍ତି। କେବଳ ଚୁଇଂଗମ୍ ସେମାନେ ଚୋବାଇ ନ ଥାନ୍ତି ଏଥିରେ ବବଲ୍ସ ତିଆରି କରି ତାହାର ଆନନ୍ଦ ନେଇଥାନ୍ତି। ତେବେ ଚୁଇଂଗମ୍ ଖାଇବା ପରେ ଏହାକୁ ଏଣେତେଣେ ଫିଙ୍ଗିବା ହେଉଛି ଲୋକଙ୍କର ଏକ ଅଭ୍ୟାସ। କିନ୍ତୁ ଏହି ଚୁଇଂଗମ୍‌ରୁ ବି ପ୍ରଦୂଷଣ ବ୍ୟାପିଥାଏ। ସାରା ବିଶ୍ୱର ଲୋକେ ବର୍ଷକୁ ପ୍ରାୟ ୧,୦୦,୦୦୦ ଟନ୍ ଚୁଇଂଗମ୍ ଖାଉଥିବା ବେଳେ ଏହା ପ୍ରକୃତି ପାଇଁ ଖୁବ୍ ବିପଜ୍ଜନକ। କାରଣ ଏହା ସହଜରେ ବିଘଟିତ ହୋଇ ନ ଥାଏ, ବରଂ ସେମିତି ପୃଥିବୀପୃଷ୍ଠରେ ପଡ଼ି ରହିଥାଏ। ଚୁଇଂଗମ୍ ପଲିସୋବ୍ୟୁଟିନ୍ ନାମକ ସିନ୍ଥେଟିକ୍ ପଲିମର୍ ବେସ୍‌ରୁ ତିଆରି ହୋଇଥାଏ। ଏଥିରେ ଏକପ୍ରକାର ସିନ୍ଥେଟିକ୍ ପ୍ଲାଷ୍ଟିକ୍ ସାମଗ୍ରୀ ଅଛି। ଏହା ହିଁ ଚୁଇଂଗମ୍‌କୁ ଅଧିକ ନମନୀୟ କରିଥାଏ। ତେବେ ସିନ୍ଥେଟିକ୍ ଚୁଇଂଗମ୍ ବିଘଟିତ ହୋଇ ନ ଥାଏ। କେତେକ କ୍ଷେତ୍ରରେ ଏହାକୁ ରିସାଇକଲ୍ କରି ସେଥିରୁ ପ୍ଲାଷ୍ଟିକ୍ ଉତ୍ପାଦ ତିଆରି କରିବା ସମ୍ଭବ। ଅବଶ୍ୟ ଏବେ ବାୟୋଡିଗ୍ରେଡେବଲ୍ ଚୁଇଂଗମ୍ ବି ତିଆରି କରାଯାଉଛି। କିନ୍ତୁ ଚୁଇଂଗମ୍‌କୁ ଚୋବାଇବା ପରେ ଯେଉଁ ଅଂଶ ରହେ, ସେଥିରୁ ପ୍ରଦୂଷଣ ବ୍ୟାପେ। ଏହି ପ୍ରଦୂଷଣକୁ 'ଗମ୍ ପଲ୍ୟୁସନ୍' କୁହାଯାଏ। ପ୍ରତିବର୍ଷ ଶହ ଶହ ସଂଖ୍ୟକ ଚୁଇଂଗମ୍‌ରୁ ପ୍ଲାଷ୍ଟିକ୍ ପ୍ରଦୂଷଣ ସୃଷ୍ଟି ହେଉଛି। ଚୁଇଂଗମ୍‌ର ଏହି ନନ୍-ବାୟୋଡିଗ୍ରେଡବଲ୍ ପ୍ଲାଷ୍ଟିକ୍ ବର୍ଜ୍ୟ ପରିବେଶ ପ୍ରଦୂଷଣର କାରଣ। ସେହିପରି ରାସ୍ତାରେ ଚୁଇଂଗମ୍‌କୁ ଫୋପାଡ଼ି ଦେବା ଫଳରେ ଏହା ବିଷାକ୍ତ ପଦାର୍ଥ ସଂସ୍ପର୍ଶରେ ଆସି ଜଳସ୍ରୋତରେ ମିଶିଥାଏ। ଚୁଇଂଗମ୍ ଯେତେବେଳେ ନଦୀ, ପୋଖରୀ, ସମୁଦ୍ର ଆଦିରେ ପହଞ୍ଚେ, ମାଛମାନେ ଏହାକୁ ଖାଇଥାନ୍ତି। ଏହାଦ୍ୱାରା ଚୁଇଂଗମ୍‌ରେ ଜମା ହୋଇଥିବା ବିଷାକ୍ତ ତତ୍ତ୍ୱ ମାଛ ପେଟକୁ ଯାଏ। ସେହି ମାଛକୁ ଲୋକେ ଖାଇବା ଦ୍ୱାରା ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହିପରି ଭାବେ ଚୁଇଂଗମ୍ ପରିବେଶକୁ ସବୁଠୁ ଅଧିକ କ୍ଷତି ପହଞ୍ଚାଇଥାଏ। ସିଗାରେଟ୍ ବଟ୍ ପରେ ସବୁଠୁ ଅଧିକ ପ୍ରଦୂଷଣ ଚୁଇଂଗମ୍‌ରୁ ବ୍ୟାପୁଥିବା କୁହାଯାଉଛି। ତେବେ ପାଖାପାଖି ପୃଥିବୀପୃଷ୍ଠରେ ୨,୫୦,୦୦୦ ଟନ୍ ଆର୍ବଜନା କେବଳ ଚୁଇଂଗମ୍ ସୃଷ୍ଟି କରୁଥିବା କୁହାଯାଉଛି।

## ପାଣି ଭିତରେ ସଂଗ୍ରହାଳୟ



ଲୋକେ ବିଭିନ୍ନ ପ୍ରକାର ସଂଗ୍ରହାଳୟ ସହିତ ବେଶ୍ ପରିଚିତ। ତେବେ ପାଣି ଭିତରେ ସଂଗ୍ରହାଳୟ ନିର୍ମାଣ କଥା କେହି କେବେ ଜାଣି ନ ଥିବେ। ଜୋର୍ଡାନରେ ଏଭଳି ଏକ ଭିନ୍ନଧରଣର ମ୍ୟୁଜିୟମ୍ ରହିଛି। ଏଠାରେ ପାଣି ଭିତରେ ସାମରିକ ସଂଗ୍ରହାଳୟର ଉଦ୍‌ଘାଟନ ୨୦୧୯ ମସିହାରେ କରାଯାଇଥିଲା। ସେନା ଟ୍ୟାଙ୍କ, ଆମ୍ବୁଲାନ୍ସ, ବିମାନ, କ୍ରେନ୍ ଏବଂ ଆଣ୍ଟି ଏୟାରକ୍ରାଫ୍ଟ ସମେତ ସମୁଦାୟ ୧୯ ପ୍ରକାର ସାମରିକ ଉପକରଣ ଏଠାରେ ସ୍ଥାନ ପାଇଛି। ଏହି ମ୍ୟୁଜିୟମ୍ ଅକାବା ସମୁଦ୍ର ତଟରେ ସମୁଦ୍ରର ୯୨ ଫୁଟ୍ ଗଭୀରରେ ତିଆରି କରାଯାଇଛି। ତେବେ ଟ୍ୟାଙ୍କ ଏବଂ ଜାହାଜକୁ ଏଠାକୁ ଆଣିବା ପୂର୍ବରୁ ସମୁଦ୍ରରେ ଥିବା ସମସ୍ତ ବିପଜ୍ଜନକ ଜିନିଷକୁ ବାହାର କରାଯାଇଥିଲା। ମ୍ୟୁଜିୟମ୍ ମାଧ୍ୟମରେ ଲୋକଙ୍କୁ ସାମୁଦ୍ରିକ ଜୀବଙ୍କ ସହିତ ପରିଚିତ କରାଇବା ସହ ସାମରିକ ଐତିହ୍ୟକୁ ଭିନ୍ନ ଢଙ୍ଗରେ ଦେଖାଇବା ହେଉଛି ଏହି ସଂଗ୍ରହାଳୟ ସ୍ଥାପନାର ଉଦ୍ଦେଶ୍ୟ। ଏହି ସ୍ଥାନକୁ ଲୋକଙ୍କୁ ନୌକା ମାଧ୍ୟମରେ ପହଞ୍ଚାଯାଏ। ସେହିପରି ଯେଉଁମାନେ ପାଣି ଭିତରକୁ ଯିବାକୁ ଚାହାନ୍ତିନି, ସେମାନେ କାଚ ନିର୍ମିତ ଡଙ୍ଗାରେ ବସି ମ୍ୟୁଜିୟମ୍‌କୁ ଉପରୁ ଦେଖିବାର ବ୍ୟବସ୍ଥା ରହିଛି। ସ୍କୁବା ଡାଇଭିଂ ପୋଷାକ ପିନ୍ଧିବା ପରେ ହିଁ ଲୋକଙ୍କୁ ପାଣି ଭିତରକୁ ମ୍ୟୁଜିୟମ୍ ପରିଦର୍ଶନ ପାଇଁ ପଠାଯାଏ।

## ଆଜିର ଇତିହାସ

- ୧୨୯୩- ଜାପାନର କାମାକୁରାରେ ଭୂମିକମ୍ପ ଯୋଗୁଁ ୩୦ ହଜାର ଲୋକଙ୍କ ମୃତ୍ୟୁ।
- ୧୯୨୭- ସାଉଦି ଆରବ ବ୍ରିଟେନ୍‌ଠାରୁ ଅଲଗା ହେଲା।
- ୧୯୩୨- ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଦେହାନ୍ତ।
- ୧୯୯୦- ହବଲ୍ ଟେଲିସ୍କୋପ୍ ମହାକାଶରୁ ପ୍ରଥମ ଫଟୋ ପଠାଇଲା।
- ୧୯୯୫- ରୁଷ୍‌ରେ ମାନବ ରହିତ ମହାକାଶ ଯାନର ସଫଳ ପ୍ରକ୍ଷେପଣ କରାଗଲା।
- ୨୦୦୩- ପାକିସ୍ତାନ ଆତଙ୍କବାଦୀ ସଂଗଠନ ହିଜବୁଲ୍ ମୁଜାହିଦ୍ଦିନ୍ ଉପରେ ପ୍ରତିବନ୍ଧକ ଲଗାଗଲା।

## 'ସିଂଘମ୍ ଏଗେନ୍'ର ସୁଟିଂ ସାରିଲେ ଅର୍ଜୁନ



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ରୋହିତ୍ ସେଟ୍ଟୀ ଅନେକ ଦିନରୁ 'ସିଂଘମ୍ ଏଗେନ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମକୁ ନେଇ ଦର୍ଶକଙ୍କ ଭିତରେ ବେଶ୍ କ୍ରେଜ୍ ରହିଛି। 'ସିଂଘମ୍' ସିରିଜ୍‌ର ଏହି ତୃତୀୟ ଫିଲ୍ମରେ ବଲିଉଡ୍‌ର ଅନେକ ଆଗଧାଡ଼ିର କଳାକାର ନଜର ଆସିବେ। ଏଥିରେ ଲୋକପ୍ରିୟ ଅଭିନେତା ଅର୍ଜୁନ୍ କପୁର ଖଳନାୟକ ଭାବେ ଦେଖାଯିବେ। ନିକଟରେ ଅର୍ଜୁନ୍ ସାମାଜିକ ଗଣମାଧ୍ୟମରେ ରୋହିତ୍ ସେଟ୍ଟୀଙ୍କ 'ସିଂଘମ୍ ଏଗେନ୍'ର ସୁଟିଂ ସାରିଥିବା କଥା କହିଛନ୍ତି। ଅର୍ଜୁନ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଛନ୍ତି। ଏଥିରେ ସେ ରୋହିତ୍‌ଙ୍କ ସମ୍ମୁଖରେ ଠିଆ ହୋଇଥିବାର ଦେଖାଯାଇଛନ୍ତି। ଫଟୋଟିକୁ ସେୟାର୍ କରି ଅର୍ଜୁନ୍ ଲେଖିଛନ୍ତି- 'ରୋହିତ୍ ସେଟ୍ଟିଙ୍କ କପ୍ ୟୁନିଭର୍ସର ଖଳନାୟକ। ମୁଁ 'ସିଂଘମ୍ ଏଗେନ୍'ର ସୁଟିଂ ସାରିଲି। ଏହି ଫିଲ୍ମ ମୋ କ୍ୟାରିୟରର ୨୦ତମ ଫିଲ୍ମ। ଏହା ମୋ କ୍ୟାରିୟର୍ ପାଇଁ ଏକ ବଡ଼ ଉପଲବ୍ଧି, କାରଣ ଏଥିରେ ମୁଁ ଏପରି ଜଣେ ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ପାଇଛି, ଯିଏକି ସିନେମାର ବସ୍ ଭାବେ ଜଣାଶୁଣା।।' 'ସିଂଘମ୍ ଏଗେନ୍'ରେ ଅର୍ଜୁନ୍ କପୁରଙ୍କ ସହ ଅଜୟ ଦେବଗନ୍, ଅକ୍ଷୟ କୁମାର, କରିନା କପୁର ଖାନ୍, ରଣବୀର ସିଂହ, ଦୀପିକା ପାଦୁ୍ୟକୋନ୍, ଟାଇଗର୍ ସ୍ରଫ୍ ପ୍ରମୁଖ ନଜର ଆସିବେ।



## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଶ୍ୟାମ ବିନ୍ଦି



ହିନ୍ଦୁ ଧର୍ମରେ ବିଭିନ୍ନ ପ୍ରକାର ତିଳକର ବର୍ଣ୍ଣନା ରହିଛି। ସେଥିରୁ ଅନ୍ୟତମ ବୈଷ୍ଣବ ତିଳକ। ଏହି ତିଳକକୁ ନାସିକାରୁ ମଥା ପର୍ଯ୍ୟନ୍ତ ଲଗାଇବାର ବିଧି ରହିଛି। ତିଳକ ଲଗାଇବା ପରେ ଏହାର ମଝିରେ ଏକ କଳା ବିନ୍ଦି ଲଗାଯାଏ। ଏହାକୁ କୁହାଯାଏ 'ଶ୍ୟାମ ବିନ୍ଦି'। ତେବେ ଶ୍ୟାମ ବିନ୍ଦିର ମହତ୍ତ୍ୱ ବିଷୟରେ ଜାଣିବା।

**ଶ୍ୟାମ ବିନ୍ଦି ଦ୍ୱାରା କେବଳ ବୈଷ୍ଣବ ତିଳକ ପୂରା ହୋଇ ନ ଥାଏ, ବରଂ ଶ୍ରୀକୃଷ୍ଣଙ୍କ କୃପା ପ୍ରାପ୍ତ ହୁଏ। ଧାର୍ମିକ ମାନ୍ୟତାନୁସାରେ, ଶ୍ୟାମ ବିନ୍ଦି ଧାରଣ ଦ୍ୱାରା ଜୀବନରୁ ସମସ୍ତ ନକାରାତ୍ମକତା ଦୂର ହୁଏ। ଗ୍ରହ ଦୋଷ ମଧ୍ୟ ଦୂରେଇ ଥାଏ। କୁଣ୍ଡଳୀରେ ରାହୁ ଦୁର୍ବଳ ଥିଲେ, ଶ୍ୟାମ ବିନ୍ଦି ଲଗାଇବା ଉତ୍ତମ।**

### ଏହା କ'ଣ

ଶ୍ୟାମ ବିନ୍ଦି ହେଉଛି କଳା ରଙ୍ଗର ଏକ ଚନ୍ଦନ। ଏହାକୁ ବିନ୍ଦି ଭଳି ତିଳକ ମଝିରେ ଧାରଣ କରାଯାଏ। କୁହାଯାଏ, ଏହା ଭଗବାନ ଶ୍ରୀକୃଷ୍ଣଙ୍କ ଲୁହରୁ ସୃଷ୍ଟି।

### ଲୁହ ନେଲା ବିନ୍ଦିର ରୂପ

ଯେତେବେଳେ ପ୍ରାଣପ୍ରିୟ ଗୋପୀମାନଙ୍କୁ ଛାଡ଼ି ଶ୍ରୀକୃଷ୍ଣ ମଥୁରା ଯାଉଥିଲେ, ତାଙ୍କ ଆଖିରୁ ବିଦାୟ ଅଶ୍ରୁ ଝରିଥିଲା। ତେବେ ଯେଉଁ ଲୁହ ଶ୍ରୀକୃଷ୍ଣଙ୍କ ଆଖିରୁ ଝରିଥିଲା, ତାହାକୁ ଗୋପୀମାନେ ଶ୍ରଦ୍ଧାରେ ମସ୍ତକରେ ଧାରଣ କଲେ। ଆଉ ସେହି ଲୁହ ବିନ୍ଦିର ରୂପ ନେଲା।

### ଶ୍ୟାମ ବିନ୍ଦି ବିନା ଅଧୁରା ବୈଷ୍ଣବ ତିଳକ

ଶ୍ରୀକୃଷ୍ଣଙ୍କ ଅନ୍ୟ ନାମ ଶ୍ୟାମ। ପୁଣି ଶ୍ୟାମଙ୍କ ଚକ୍ଷୁରୁ ତିଆରି କଳାକୁ ଚନ୍ଦନ 'ଶ୍ୟାମ ବିନ୍ଦି' କୁହାଯାଏ। ଅବଶ୍ୟ ବୈଷ୍ଣବ ତିଳକ ଲଗାଇବା ସମୟରେ ଶ୍ୟାମ ବିନ୍ଦି ଲଗାଇବା ଅନିବାର୍ଯ୍ୟ। କାରଣ ଶ୍ୟାମ ବିନ୍ଦି ବିନା ବୈଷ୍ଣବ ତିଳକ ପୂର୍ଣ୍ଣ ହୋଇ ନ ଥାଏ।

## ସ୍ତୁତି

## ନୌତପା

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ୧୫ ଦିନ ଅବସ୍ଥାନ କରି ମୃଗଶିରା ନକ୍ଷତ୍ରକୁ ଗୋଚର ହୁଅନ୍ତି। ଏହି ୧୫ ଦିନ ମଧ୍ୟରୁ ପ୍ରଥମ ୯ ଦିନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହୋଇଥାଏ। ଏହାକୁ 'ନୌତପା' ବା 'ନୌତାପ' କୁହାଯାଏ। ଏହା ଚଳିତ ମଇ ୨୫ରୁ ଆରମ୍ଭ ହୋଇ ଜୁନ ୨ ଯାଏ ରହିବ। ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ଏହି ସମୟକାଳରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଦୂରତା ହ୍ରାସ ପାଇଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧ ସୂର୍ଯ୍ୟଙ୍କର ଅତି ନିକଟତର ରହିଥିବାରୁ ସୌର ରଶ୍ମି ସିଧାସଳଖ ପଡ଼େ। ଫଳରେ ତାପାମାତ୍ରା ଅଧିକ ରହେ। କୁହାଯାଏ କି, ନୌତାପ ସମୟରେ ପ୍ରବଳ ଗରମ ଅନୁଭୂତ ହେଲେ ଭଲ ବର୍ଷା ହୁଏ। ଅନ୍ୟପକ୍ଷରେ କମ୍ ତାପ ପ୍ରବାହ ହେଲେ ସ୍ୱାଭାବିକ ବୃଷ୍ଟିପାତ ହୋଇଥାଏ। ଜ୍ୟାତିଷଙ୍କ ମତରେ ଏହି ସମୟରେ ସୂର୍ଯ୍ୟଙ୍କ ଉପାସନା ମହତ୍ତ୍ୱ ରଖେ। କୁଣ୍ଡଳୀରେ ସୂର୍ଯ୍ୟଙ୍କୁ ମଜଭୁତ କରିବା ପାଇଁ ନୌତାପରେ କିଛି ଉପାୟ ଆପଣାଇବା ଉଚିତ।

- ନୌତପା ସମୟରେ ସୂର୍ଯ୍ୟଦେବଙ୍କ ଆରାଧନା କରନ୍ତୁ।
- ଭୋର୍‌ରୁ ସ୍ନାନ ସାରି ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ଘ୍ୟ ଅର୍ପଣ କରନ୍ତୁ।
- ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରନ୍ତୁ।
- ନୌତାପରେ ଦହି, ନଡ଼ିଆ, ଜଳ, ଗୁଡ଼, ବସ୍ତ୍ର ଆଦି ଦାନ କରନ୍ତୁ।



## ଗୀତାବାଣୀ

**ସାଙ୍ଖ୍ୟଯୋଗୌ ପୃଥଗ୍‌ବାଳାଃ ପ୍ରବଦନ୍ତି ନ ପଣ୍ଡିତାଃ।**
**ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଳମ୍॥**

ଅଜ୍ଞ ଲୋକେ ହିଁ ସାଙ୍ଖ୍ୟଯୋଗ ଓ କର୍ମଯୋଗକୁ ଭିନ୍ନ ଭିନ୍ନ ଫଳଦାୟକ ବୋଲି କହନ୍ତି, ପଣ୍ଡିତଲୋକେ କହନ୍ତି ନାହିଁ; କାରଣ ଏ ଦୁଇଟି ମଧ୍ୟରୁ କୌଣସି ଗୋଟିଏ ସାଧନାରେ ବି ଉତ୍ତମ ରୂପେ ସ୍ଥିତ ହୋଇଥିବା ମନୁଷ୍ୟ ଉଭୟର ଫଳସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ କରେ।

(ପଞ୍ଚମୋଽଧ୍ୟାୟଃ – ଶ୍ଲୋକ - ୪)

## ଦାମ୍ପତ୍ୟ ଜୀବନରେ ବିବାହ ତିଥିର ପ୍ରଭାବ



**କୌଣସି ବ୍ୟକ୍ତିଙ୍କ ମୂଳାଙ୍କରୁ ତାଙ୍କର ବିବାହ ତିଥି ଜାଣିବା ସମ୍ଭବ। ଏହାସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବୈବାହିକ ଜୀବନ କିଭଳି ରହିବ, ସେ ବାବଦରେ ମଧ୍ୟ ସୂଚନା ମିଳିଥାଏ।**

**ମୂଳାଙ୍କ ୧ ଓ ୨:** ଅଙ୍କ ଶାସ୍ତ୍ର ଅନୁସାରେ, ୨, ୧୧, ୨୦ ଏବଂ ୨୯ ତାରିଖରେ ଯେଉଁମାନଙ୍କ ବିବାହ ହୋଇଥାଏ, ସେମାନଙ୍କ ମୂଳାଙ୍କ ୧ ଓ ୨। ଏଭଳି ଲୋକଙ୍କ ଦାମ୍ପତ୍ୟ ଜୀବନ ଅନେକ ଉଠାଣି ଗଡ଼ାଣି ଦେଇ ଗତି କରିଥାଏ।

**ମୂଳାଙ୍କ ୩:** ଯେଉଁମାନଙ୍କ ବିବାହ ୩, ୩୦, ୧୨ ଏବଂ ୨୧ ତିଥିରେ ହୋଇଛି, ସେମାନଙ୍କ ମୂଳାଙ୍କ ୩। ସେମାନଙ୍କ ବୈବାହିକ ଜୀବନ ସୁଖମୟ ହୋଇଥାଏ।

**ମୂଳାଙ୍କ ୪ ଓ ୫:** ଯେଉଁମାନଙ୍କ ବିବାହ ୪,୧୩,୨୨ ଓ ୩୧ ତିଥିରେ ହୋଇଛି, ସେମାନଙ୍କ ମୂଳାଙ୍କ ୪ ଓ ୫ ହୋଇଥାଏ। ମୂଳାଙ୍କ ୪ ଲୋକଙ୍କ ଘର ସଂସାର ସୁଖମୟ ହୋଇଥିବା ବେଳେ ମୂଳାଙ୍କ ୫ ଲୋକଙ୍କ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦିଏ।

**ମୂଳାଙ୍କ ୬ ଓ ୭:** ବିବାହ ୬, ୧୫, ୨୫ ତାରିଖରେ ହୋଇଥିଲେ ସେମାନଙ୍କ ମୂଳାଙ୍କ ୬। ସେମାନଙ୍କ ବୈବାହିକ ଜୀବନ ଶାନ୍ତିପୂର୍ଣ୍ଣ ରହିଥାଏ। ସେହିପରି ୭, ୧୬ ଏବଂ ୨୫ ତିଥିରେ ଯେଉଁମାନଙ୍କ ବିବାହ ହୋଇଛି, ସେମାନଙ୍କ ଭିତରେ ଉତ୍ତମ ଓ ପ୍ରେମମୟ ସମ୍ପର୍କ ରହିଥାଏ।

**ମୂଳାଙ୍କ ୮ ଓ ୯:** ଯେଉଁମାନଙ୍କ ବିବାହ ୮, ୧୭ ଏବଂ ୨୬ ତିଥିରେ ହୋଇଛି, ସେମାନଙ୍କ ମୂଳାଙ୍କ ହେଉଛି ୮। ଏଭଳି ଲୋକଙ୍କ ଦାମ୍ପତ୍ୟ ସଫଳ ରହିଥାଏ। ତେବେ ଯେଉଁମାନଙ୍କ ବାହାଘର ୯, ୧୮ ଏବଂ ୨୭ରେ ହୋଇଛି ସେମାନଙ୍କ ମୂଳାଙ୍କ ୯। ବୈବାହିକ ଜୀବନରେ କିଞ୍ଚିତ୍ ସମସ୍ୟା ଦେଖା ଦେଲେ ବି ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ।

## ଧାର୍ମିକ ଟାଟୁ କରୁଥିଲେ...



ଷ୍ଟାଇଲ୍, ସୁନ୍ଦର ତଥା ଆକର୍ଷଣୀୟ ଦିଶିବା ପାଇଁ ଆଜିକାଲି ଅନେକ ଯୁବକ ଯୁବତୀ ଟାଟୁ କରିବାକୁ ପସନ୍ଦ କରୁଛନ୍ତି। ଏହା କେବଳ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ବୃଦ୍ଧିରେ ସାହାଯ୍ୟ କରେନି, ବରଂ ଏହାର ପ୍ରଭାବ ଭାଗ୍ୟ ଭବିଷ୍ୟ ଉପରେ ପଡ଼ିଥାଏ। ଲୋକମାନେ ବିଭିନ୍ନ ଡିଜାଇନର ଟାଟୁ କରୁଥିବା ବେଳେ ସେଥିରୁ ଅନ୍ୟତମ ଧାର୍ମିକ ଡିଜାଇନ ଟାଟୁ। ଧାର୍ମିକ ଟାଟୁ ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ। ମନ ପ୍ରସନ୍ନ ରହେ ଏବଂ କାମରେ ସଫଳତା ମିଳିଥାଏ। ଅବଶ୍ୟ ଧାର୍ମିକ ଟାଟୁ ତିଆରି କରିବାର ଖରାପ ଦିଗ ବି ଅଛି। ଏଣୁ ଏଭଳି ଟାଟୁ କରୁଥିଲେ, କିଛି ଦିଗ ପ୍ରତି ଧ୍ୟାନ ଦେବା ଉଚିତ।

- ସ୍ୱସ୍ତିକ, ଓମ୍ କିମ୍ବା କୌଣସି ମନ୍ତ୍ରର ଟାଟୁ କରୁଥିଲେ, ଏହାର ଆକୃତି ଯେଭଳି ଠିକ୍ ରହିବ, ସେ ଦିଗରେ ଦୃଷ୍ଟି ଦିଅନ୍ତୁ।
- ମନ୍ତ୍ର ଯେଭଳି ଠିକ୍ ଭାବେ ଲେଖା ହେବ, ସେ ପ୍ରତି ଧ୍ୟାନ ଦେବା ଜରୁରି। ଭୁଲ୍ ମନ୍ତ୍ର ଓ ଆକୃତି ଠିକ୍ ନ ରହିଲେ ନକାରାତ୍ମକତା ବୃଦ୍ଧି ପାଏ।
- ପାପୁଲି ଏବଂ ପାଦରେ ଧାର୍ମିକ ଟାଟୁ କରନ୍ତୁ ନାହିଁ। କାରଣ ପାପୁଲି ଓ ପାଦ ଅନେକ ଜିନିଷକୁ ସ୍ପର୍ଶ କରିଥାଏ।

